ସକାଳ
THE SAKALA



# ବସ୍-ଟ୍ରକ୍ ଧକ୍କା; ୧୦ରୁ ଊର୍ଦ୍ଧ୍ୱ ଆହତ

**ବଣାଇଁ, ୨୧।୨(ସମିସ):** ୧୪୩ନଂ ଜାତୀୟ ରାଜପଥର ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା ଅନ୍ତର୍ଗତ ଯାତ୍ରାଖମଣ (କସଡ଼ା) ନିକଟ ବୁଲାଣି ରାସ୍ତାରେ ବୁଧବାର ଭୋର ପ୍ରାୟ ତିନିଟାରେ ବସ-ଟ୍ରକ ମୁହାଁମୁହିଁ ଧକ୍କା ହେବାରୁ ବସରେ ଥିବା ପ୍ରାୟ ୩୦ ଯାତ୍ରୀଙ୍କ ମଧ୍ୟରୁ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଆହତମାନଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଗୁରୁତର ଦୁଇଜଣଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ପଠାଯାଇଛି। ଦୁର୍ଘଟଣା ପରେ ଉଭୟ ଗାଡ଼ିର ଚାଳକ ଫେରାର ହୋଇଯାଇଛନ୍ତି। ପୁଲିସ ଉଭୟ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି।



କେନ୍ଦ୍ରାପଡ଼ା ଜିଲ୍ଲା ଆଳି ରାଜକନିକାରୁ କଟକ ଦେଇ ଅନୁପମା ନାମକ ଘରୋଇ ବସ ରାଉରକେଲା ଅଭିମୁଖେ ଯାଉଥିଲା। ସାମ୍ନାରୁ ଏକ ଟ୍ରକ ଦ୍ରୁତଗତିରେ ଆସି ବସକୁ ଧକ୍କା ଦେଇଥିଲା। ୧୪୩ ନମ୍ବର ଜାତୀୟ ରାଜପଥର ଚାରି ଲେନ କାର୍ଯ୍ୟ ଏବେ ଏଆରଏସଏସ ନାମକ ଠିକା ସଂସ୍ଥା କରୁଥିବା ବେଳେ କେବଳ ଗୋଟିଏ ପାର୍ଶ୍ୱରେ ଗାଡ଼ି ଯିବା ଆସିବା କରୁଛି। ଠିକା ସଂସ୍ଥାର ବେପରୁଆ କାର୍ଯ୍ୟ ଫଳରେ ଅନେକ ସମୟରେ ଏହି ରାସ୍ତାରେ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# କୋଇଡ଼ା ମୁଖ୍ୟ ରାସ୍ତା ବିପର୍ଯ୍ୟସ୍ତ; ଉଦାସୀନ କର୍ତ୍ତୃପକ୍ଷ

**କୋଇଡ଼ା, ୨୧।୨(ସମିସ)**

ମରାମତି ଅଭାବରୁ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ ମୁଖ୍ୟ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ରକ୍ଷଣାବେକ୍ଷଣ ଅଭାବରୁ କେବଳ ବର୍ଷାଋତୁ ନୁହେଁ ବର୍ଷକ ବାରମାସ କାଦୁଅ ପଚପଚ ହୋଇ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି।

ରାଜ୍ୟ ରାଜକୋଷକୁ ସର୍ବାଧିକ ଏପରିକି ୬ ହଜାର କୋଟିରୁ ଅଧିକ ଟଙ୍କା ରାଜସ୍ୱ ଦେଇ ଆସୁଥିବା ଖଣିଖାଦାନ ଭରା କୋଇଡ଼ା ଅଞ୍ଚଳ ଦୀପତଳ ଅନ୍ଧାର ଭଳି ସବୁବେଳେ ଅବହେଳିତ ହୋଇ ଆସୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗତ ଦୁଇ ଦଶନ୍ଧି ଧରି କୋଇଡ଼ା ମୁଖ୍ୟ ରାସ୍ତାରେ ଖାଲ ଖମା ସାଙ୍ଗକୁ ରାସ୍ତାକଡ଼ ଡ୍ରେନ ମୁକୁଳା ପଡ଼ିଛି। ବିଡ଼ମ୍ବନାର ବିଷୟ ହେଉଛି, କୋଇଡ଼ା ସହରାଞ୍ଚଳର ମାତ୍ର ଦୁଇ କିଲୋମିଟର ରାସ୍ତା ପାଇଁ କୋଇଡ଼ାବାସୀଙ୍କୁ ହୀନସ୍ତା ହେବାକୁ ପଡୁଛି। ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ପ୍ରତ୍ୟେକ ଦିନ ଅଫିସ ହେଉ ବା ନିଜ କର୍ମସ୍ଥଳକୁ ଘରୁ ବାହାରୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନରାତି ଖଣିରୁ ଖଣିଜ ପଦାର୍ଥ ବୋଝେଇ ଟ୍ରକ ଯାତାୟାତ କରୁଥିବାରୁ ରାସ୍ତାରେ ଧୂଳି ଉଡ଼ି ଘନ କୁହୁଡ଼ିର ଭ୍ରମ ସୃଷ୍ଟି କରୁଛି। ସେପଟେ ଜନସାଧାରଣଙ୍କ ଆକ୍ରୋସ ଯୋଗୁଁ ଧୂଳି ଦାଉରୁ ରକ୍ଷା ପାଇବା ପାଇଁ ସକାଳୁ ରାତି ଯାଏଁ ରାସ୍ତାରେ ଅହରହ ପାଣି ଢଳାଯାଉଛି। ଫଳରେ ବର୍ଷକ ବାରମାସ ରାସ୍ତା କାଦୁଅ ପଚପଚ ହୋଇ ପାଦଚଲା ଲୋକଙ୍କ ନମନ୍ତେ ମରଣଯନ୍ତା ପାଲଟିଛି। କୋଇଡ଼ା ମାଇନିଂ ଅଫିସଠାରୁ ଏରିଏନ୍ ଛକ ପର୍ଯ୍ୟନ୍ତ ମାତ୍ର ଦୁଇ କିଲୋମିଟର ଦୂର ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସହ କାଦୁଅ ଯୋଗୁଁ ଶୋଚନୀୟ ହୋଇପଡ଼ିଛି। ଦୀର୍ଘଦିନ ହେଲା ଏହି ରାସ୍ତା ଅବହେଳିତ ଅବସ୍ଥାରେ ପଡ଼ିଥିବା ବେଳେ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଦାବି ସତ୍ତ୍ୱେ କାହାରି ନଜର ପଡୁନି।





ସେହିପରି ଡ୍ରେନ ଓ ଡିଭାଇଡର ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ରାସ୍ତାର ଦୁଇପାର୍ଶ୍ୱରେ ଥିବା ଦୋକାନ ଘର ଓ ବାସଗୃହଗୁଡ଼ିକଠାରୁ ରାସ୍ତା ଅଧିକ ଉଚ୍ଚା ଓ ଅର୍ଦ୍ଧନିର୍ମିତ ଡ୍ରେନ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଏହି ଦୁରବସ୍ଥା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜନେତାମାନଙ୍କର ଏ ନେଇ ଉଦାସୀନତା ସମସ୍ତଙ୍କୁ ବ୍ୟଥିତ କରିଛି।

# କୁଡ଼େଇକଲା ପଞ୍ଚାୟତସ୍ତରୀୟ ସଚେତନତା ଶିବିର




**ଲହୁଣୀପଡ଼ା, ୨୧।୨(ସମିସ):** ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ବେଳେ ବୁଧବାର କୁଡ଼େଇକଲା ପଞ୍ଚାୟତ କୁଡ଼େଇକଲା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଏହା ଅନୁଷ୍ଠିତ ହୋଇଛି। କୁଡ଼େଇକଲା ସରପଞ୍ଚ ଶିବଶଙ୍କର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ସମ୍ମାନିତ ଅତିଥି ଭାବେ ଲହୁଣୀପଡ଼ା ଏବିଡିଓ ଟୁକା ଓରାମଙ୍କ ସହ ନୋଡାଲ ଅଧିକାରୀ ଏପିଓ ବିଷ୍ଣୁଚରଣ ନାୟକ, କୃଷି ଅଧିକାରୀ ଶ୍ରୀକାନ୍ତ ପତି, ବ୍ଲକ ସହକାରୀ ଯନ୍ତ୍ରୀ ବ୍ରଜବନ୍ଧୁ ବେହେରା, ଲହୁଣୀପଡ଼ା ସନ୍ନିତ ଶିଶୁ ବିକାଶ ବିଭାଗ ସୁପରଭାଇଜର ଭେଲେରିଆ ବାଗେ, ପିଇଓ କିରଣମୟୀ ବେହେରା ଓ ସମିତି ସଭ୍ୟ ଆକାଶ କୁମାର ମାହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକସ୍ଥଳୀଗୁଡ଼ିକର ରୂପାନ୍ତରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମି ବିକାଶ, ବ୍ୟାଙ୍କ ଭିତ୍ତିଭୂମି ବିକାଶ, ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ, ଐତିହ୍ୟ ଭିତ୍ତିଭୂମି ବିକାଶ କିଭଳି ପଞ୍ଚାୟତ ସ୍ତରରେ ହୋଇପାରିବ ସେ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ସେହିପରି ରାଜ୍ୟ ସରକାରଙ୍କ ଯୋଜନାରୁ ଲୋକେ କିଭଳି ସଫଳତା ପାଇଛନ୍ତି ସେ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଜନସାଧାରଣ ଯୋଜନାଗୁଡ଼ିକର ଲାଭ ଉଠାଇବା ପରାମର୍ଶ ଦିଆଯାଇଥିଲା। ଉପସ୍ଥିତ ଲୋକଙ୍କୁ ଓଡ଼ିଶା ସରକାରଙ୍କ ଯୋଜନା ସମ୍ପର୍କିତ ପୁସ୍ତିକା ବଣ୍ଟନ କରାଯାଇଥିଲା। ୩ ନୂତନ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ଏବଂ ୨ ହିତାଧିକାରୀଙ୍କୁ ରାସନ କାର୍ଡ ସହ ୧ ହଜାର ଟଙ୍କା ଲେଖାଏଁ ବଣ୍ଟନ କରାଯାଇଥିଲା। ଜିଆରଏସ ଅଶୋକ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପିଇଓ କିରଣମୟୀ ବେହେରାଙ୍କଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ, ମିଶନ ଶକ୍ତି କର୍ମଚାରୀ ସହଯୋଗ କରିଥିଲେ।

# ଗୋପବନ୍ଧୁ ପାଠାଗାରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

**ରାଉରକେଲା, ୨୧।୨(ସମିସ):** ଛେଣ୍ଡ ଗୋପବନ୍ଧୁ ପାଠାଗାର ଓ ରାଉରକେଲାର ଆପୋଲୋ ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ପାଠାଗାର ପରିସରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ହସ୍ପିଟାଲ ତରଫରୁ ସ୍ନାୟୁରୋଗ ବିଶେଷଜ୍ଞ ଡା. ଦୀପ୍ତିରଞ୍ଜନ ତ୍ରିପାଠୀ, ହୃଦରୋଗ ବିଶେଷଜ୍ଞ ଡା. ମିଲନ କୁମାର ଶତପଥୀ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ବରୁଣ କୁମାର ପଟେଲ, ଭେଷଜ ବିଶେଷଜ୍ଞ ଡା. ପ୍ରିୟଙ୍କା ପ୍ରମୁଖ ଯୋଗଦେଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ। ଏହା ସହ ଇସିଜି, ଚର୍ବି ଟେଷ୍ଟ, ମଧୁମେହ, ବିଏମଡି ଆଦି ପରୀକ୍ଷା କରାଯାଇଥିଲା। ଆପୋଲୋ ହସ୍ପିଟାଲ ତରଫରୁ ବିଶ୍ୱଜିତ ବଳ, ରିତୁ କୁମାରୀ, ପୁଷ୍ପା କିଶାନ, ଚନ୍ଦ୍ରମା କୋଲେତ, ରୁନା ରାଉତ, ଶ୍ୟାମସୁନ୍ଦର ମହାରଣା, ରବିନ କୁମ୍ବାର, ପ୍ରଶାନ୍ତ ନାୟକ ଓ ପାଠାଗାର ତରଫରୁ ସଭାପତି ନବଘନ ସାହୁ, ଗିରିଜା ଶଙ୍କର ଗୋସ୍ୱାମୀ, ହରିହର ଶତପଥୀ, ରବିନାରାୟଣ ସିଂ, ରାଧାମୋହନ ନାୟକ, କୈଳାସ ସାମଲ, ବିବେକାନନ୍ଦ ଜେନା, ଦେବରାଜ ଗୌଡ଼, ପ୍ରତାପ ମହାନ୍ତି, ବିଶ୍ୱନାଥ ଜେନା, ସୂର୍ଯ୍ୟନାରାୟଣ ପଣ୍ଡା, ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ୨୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।



# ଲୋକାଭିମୁଖୀ ହେଉଛି 'ଜନନୀ ସମ୍ପର୍କ ଅଭିଯାନ'

**ରାଉରକେଲା, ୨୧।୨(ସମିସ):** ରଘୁନାଥପଲ୍ଲୀ ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ସମାଜସେବୀ ପ୍ରଶାନ୍ତ ସେଠୀଙ୍କ ଦ୍ୱାରା ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା ଓ ସୁଫଳ ଉପରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ଆୟୋଜିତ ହୋଇଆସୁଥିବା 'ଜନନୀ ସମ୍ପର୍କ ଅଭିଯାନ' କ୍ରମଶଃ ଲୋକାଭିମୁଖୀ ହେବାରେ ଲାଗିଛି। ମଙ୍ଗଳବାର ଅଭିଯାନର ପଞ୍ଚମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଦକ୍ଷିଣ ରାଉରକେଲା ମଡର୍ଣ୍ଣ ଇଣ୍ଡିଆସ୍ଥିତ ଗାନ୍ଧୀ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରାନ୍ତରୁ ଶତାଧିକ ମହିଳା ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ସେଠୀ ଯୋଗଦେଇ ଜଣ ଜଣ କରି ମା'ମାନଙ୍କ ସୁଖଦୁଃଖ ତଥା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ସରକାରଙ୍କ ପକ୍ଷରୁ ପ୍ରଚଳିତ ବିକାଶମୁଖୀ ବିଭିନ୍ନ ଯୋଜନା ବିଷୟରେ ସେ ଆଲୋକପାତ କରିବା ସହ ଏହାର ସୁଫଳ ଓ ସଫଳ ରୂପାୟନ ବିଷୟରେ ଆଲୋଚନା କରିଥିଲେ। ଏହାସହ ଏହି ଯୋଜନା ସବୁର ତୃଣମୂଳ ସ୍ତରରେ ସଫଳ କାର୍ଯ୍ୟକାରିତା ଏବଂ କୌଣସି ମହିଳା ଯେପରି ଏଥିରୁ ବଞ୍ଚିତ ନ ହେବେ ସେ ନେଇ ଆଲୋଚନା କରିଥିଲେ। ଏହି ଅବସରରେ କେତେଜଣ ମହିଳା ସେମାନଙ୍କ ବିଭିନ୍ନ ସାମାଜିକ ଏବଂ ବ୍ୟକ୍ତିଗତ ସମସ୍ୟାର ସମାଧାନ କରିବା ପାଇଁ ପ୍ରଶାନ୍ତଙ୍କ ପାଖରେ ଉପସ୍ଥାପନ କରିଥିଲେ। ସରକାରଙ୍କ ଯୋଜନା ଭିତରେ ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ବାବଦରେ ସେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏତଦବ୍ୟତୀତ ସମସ୍ତେ ମିଶି ଅଞ୍ଚଳର ବିକାଶ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଷ୍ଣୁପ୍ରିୟା ରାଉତ, ପ୍ରତିମା ପାଣିଗ୍ରାହୀ, ମିନତୀ ପାତ୍ର, ନମିତା ଜେନା, କବିତା ବାରିକ, ମମତାରାଣୀ ବାରିକ, ନମିତା ମହାନ୍ତି, ଡିମି ଶାହୁ, ସୁଷମା ବେହେରା, ବେବିନା ସେଠୀ, ମଞ୍ଜୁ ମାନି, ବିଦ୍ୟୁଲତା ସାହୁ, ଗାୟତ୍ରୀ ରାଉତ, ଆଶାଲତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର





**ବଣାଇଁ, ୨୧।୨(ସମିସ):** ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଇନ୍ଦ୍ରପୁର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବୁଧବାର ବଣାଇଁ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ବଣାଇ ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବୀରବିଚିତ୍ରସେନ ନାୟକ ଉପସ୍ଥିତ ରହି ଶିବିରକୁ ଉଦଘାଟନ କରିଥିଲେ। ଭିନ୍ନକ୍ଷମମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ସବୁପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ଶିବିରର ଉଦ୍ଦେଶ୍ୟ ବୋଲି କହିଥିଲେ। ଶିବିରରେ ବ୍ଲକର ୭ ପଞ୍ଚାୟତରୁ ୨୩୪ ଭିନ୍ନକ୍ଷମ ବ୍ୟକ୍ତି ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କୁ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା କରାଯାଇ ଶ୍ରବଣ ସମସ୍ୟାରେ ୧୬ ଜଣ, ଅସ୍ଥିଶଲ୍ୟ ୮୭ ଜଣ, ମାନସିକ ବିକାରଗ୍ରସ୍ତ ୩୮ ଜଣ, ଦୃଷ୍ଟିବାଧିତ ୭ ଜଣ ଓ ୫୬ ଜଣ ଅନ୍ୟାନ୍ୟ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୬ ଜଣକୁ ଶ୍ରବଣ ଯନ୍ତ୍ର, ୮ ଜଣଙ୍କୁ ବସ୍ ପାସ୍, ୭ ଜଣଙ୍କୁ ଆଶାବାଡ଼ି ଓ ୪ ଜଣକୁ ଟ୍ରାଇ ସାଇକଲ ସହ ଅନ୍ୟ ଉପକରଣ ପ୍ରଦାନ କରାଯାଇଛି। ଶିବିରରେ ୬ଟି ଷ୍ଟଲ ଖୋଲାଯାଇ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରାଯାଇଥିଲା। ଶିବିରରେ ରାଉରକେଲା ସରକାରୀ ଡାକ୍ତରଖାନାର ଅର୍ଥୋପେଡ଼ିକ ବିଭାଗ ଡା. ଏସକେ ଆଚାର୍ଯ୍ୟ, ଚକ୍ଷୁ ଡା. ସବ୍ୟସାଚୀ ପଟ୍ଟନାୟକ, ନାକ/ଗଳା ବିଶେଷଜ୍ଞ ଡା. ଏମକେ ପାଣିଗ୍ରାହୀ, ଦୁର୍ଗେଶ ସା ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବଣାଇ ଏବିଡିଓ, ଏସଏସଏସଓ ଅଜୟ କୁମାର ସାହୁ, ଡିଏସଏସଓ, ସମସ୍ତ ପଞ୍ଚାୟତ ସମିତି ସଦସ୍ୟ/ସଦସ୍ୟା ଓ ସ୍ଥାନୀୟ ସରପଞ୍ଚମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହାୟତା କରିଥିଲେ।

# ମାଲିକଙ୍କ ଘରୁ ଚୋରି, ଚାକରାଣୀ ଗିରଫ

**ରାଉରକେଲା, ୨୧।୨(ସମିସ):** ମାଲିକଙ୍କୁ ଘରୁ ଚୋରି କରିବା ଅଭିଯୋଗରେ ଉଦିତନଗର ଥାନା ପୁଲିସ ଓରାମପଡ଼ା ଅଞ୍ଚଳର ଚାକରାଣୀ ପିଙ୍କି ସିଂ (୩୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୫ ଲକ୍ଷ ୭୫ ହଜାର ଟଙ୍କା, ଗୋଟିଏ ସୁନା ମୁଦି ସମେତ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ନାରାୟଣୀ ଆପାର୍ଟମେଣ୍ଟରେ ସୁନୀଲ ଶ୍ୟାମପୁରିଆଙ୍କ ପରିବାର ବାସ କରନ୍ତି। ତାଙ୍କ ଘରେ ପିଙ୍କି ଚାକରାଣୀ ଭାବେ କାମ କରୁଥିଲେ। ଗତ ୯ରୁ ୧୬ ତାରିଖ ମଧ୍ୟରେ ପିଙ୍କି ୭ ଲକ୍ଷ ୫୦ ହଜାର, ଦୁଇଟି ମୁଦି ଓ ୧୦ରୁ ୧୨ଟି ରୁପା ମୁଦ୍ରା ଚୋରି କରି ନେଇଥିବା ମଙ୍ଗଳବାର ସୁନୀଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ବୁଧବାର ପିଙ୍କିଙ୍କୁ ଗିରଫ କରିଛି।

**● ୫.୭୫ ଲକ୍ଷ ଟଙ୍କା ଜବତ**

# ଦୁଇ ବାଇକ୍ ମଧ୍ୟରେ ଧକ୍କା

**ରାଉରକେଲା, ୨୧।୨(ସମିସ):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ପାୱାର ହାଉସ ରୋଡ୍ ଛକରେ ବୁଧବାର ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ଦୁଇ ବାଇକ ଚାଳକ ଆହତ ହୋଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ମାଷ୍ଟର୍ସ ଆଥ୍ଲେଟିକ୍ସରେ ସ୍ୱର୍ଣ୍ଣପ୍ରଭାଙ୍କୁ ରୌପ୍ୟ

**ରାଉରକେଲା, ୨୧।୨(ସମିସ):** ଇସ୍ପାତ ନଗରୀ ରାଉରକେଲାର ସ୍ୱର୍ଣ୍ଣପ୍ରଭା ମହାନ୍ତି ମାଷ୍ଟର୍ସ ଆଥଲେଟିକ୍ସରେ ରୌପ୍ୟପଦକ ହାସଲ କରିଛନ୍ତି। ନିକଟରେ ପୁନେର ଛତ୍ରପତି ଶିବାଜୀ ଷ୍ଟାଡିୟମରେ ଆୟୋଜିତ ୪୪ତମ ଜାତୀୟ ମାଷ୍ଟର୍ସ ଆଥେଲେଟିକ୍ସର ସିନିୟର ମହିଳା ବିଭାଗରେ ଅଂଶଗ୍ରହଣ କରି ୧୫ ତାରିଖରେ ୩୦୦ ମିଟର ଓ ହଡଲର୍ସ ୧୬ ତାରିଖରେ ୨୦୦୦ ମିଟର ଷ୍ଟିଲ ଚେସ୍‌ରେ ୨ୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ପାଇଛନ୍ତି। ଏଥିରେ ଓଡ଼ିଶାରୁ ୩୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସ୍ୱର୍ଣ୍ଣପ୍ରଭା ରାଉରକେଲାରେ ପହଞ୍ଚିବା ପରେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



# ମଧୁବୈଶ୍ୟ ସମାଜ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା

**ରାଉରକେଲା, ୨୧।୨(ସମିସ):** ସ୍ଥାନୀୟ ସେକ୍ଟର-୨୦ 'ଡି' ବ୍ଲକ ଗଣେଶ ମନ୍ଦିର ପରିସରରେ ରାଉରକେଲା ମଧୁବୈଶ୍ୟ ସମାଜ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ନୃତ୍ୟ ପ୍ରତିଯୋଗିତାରେ 'ଏ' ଗ୍ରୁପ୍‌ରୁ ଦେବସ୍ମିତା ସାହୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି। 'ବି' ଗ୍ରୁପ୍‌ରୁ ବୈଷ୍ଣବୀ ସାହୁ ଓ ଭାଗ୍ୟଶ୍ରୀ ସାହୁ ପ୍ରଥମ, ଶ୍ରଦ୍ଧାରାଣୀ ସାହୁ ଓ ଶ୍ରୀଭାଲି ସାହୁ ଦ୍ୱିତୀୟ, ସଂସ୍କାରିତା ସାହୁ, ଲକ୍ଷ୍ମୀ ପ୍ରିୟଦର୍ଶିନୀ ସାହୁ ଓ ନନ୍ଦିନୀ ସାହୁ ତୃତୀୟ ସ୍ଥାନ ହାସଲ କରିଛନ୍ତି। 'ସି' ଗ୍ରୁପ୍‌ରୁ ସମ୍ପୂର୍ଣ୍ଣ କୁମାର ସାହୁ ଓ ସ୍ନିଗ୍ଧାରାଣୀ ସାହୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଗୀତ ପ୍ରତିଯୋଗିତାରେ 'ଏ' ଗ୍ରୁପ୍‌ରୁ ନିବେଦିତା ସାହୁ ପ୍ରଥମ ଓ 'ବି' ଗ୍ରୁପ୍‌ରୁ ଦେବବ୍ରତ ସାହୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିପରି କବିତା ଆବୃତ୍ତି ପ୍ରତିଯୋଗିତାରେ 'ସି' ଗ୍ରୁପରୁ ଆଦିତ୍ୟ କୁମାର ସାହୁ ପ୍ରଥମ, କାବ୍ୟଶ୍ରୀ ପୃଷ୍ଟି ଓ ଦିବ୍ୟାଂଶୁ ସାହୁ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ 'ଡି' ଗ୍ରୁପ୍‌ରୁ ସ୍ୱସ୍ତିକ ସାହୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ତର୍କ ପ୍ରତିଯୋଗିତାରେ 'ବି' ଗ୍ରୁପରୁ ଦିବ୍ୟରଞ୍ଜନ ସାହୁ ପ୍ରଥମ ଓ ରୁଦ୍ରାଂଶୁ ସାହୁ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଚିତ୍ରାଙ୍କନ ପ୍ରତିଯୋଗିତାରେ 'ଏ' ଗ୍ରୁପ୍‌ରୁ ଅନନ୍ୟା ପ୍ରିୟଦର୍ଶିନୀ ପ୍ରଥମ, ଭାଗ୍ୟଶ୍ରୀ ସାହୁ ଓ ରୋହନପ୍ରୀତ ସାହୁ ଦ୍ୱିତୀୟ, ସିତିଶ କୁମାର ସାହୁ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ 'ବି' ଗ୍ରୁପ୍‌ରୁ ସୁଦୀପ୍ତ କୁମାର ସାହୁ ପ୍ରଥମ, ଆଶୁତୋଷ ସେନାପତି ଦ୍ୱିତୀୟ, ସହର୍ଷ କୁମାର ସାହୁ ତୃତୀୟ ସ୍ଥାନ ହାସଲ କରିଛନ୍ତି। 'ସି' ଗ୍ରୁପ୍‌ରୁ ଆୟୁଷ୍ମାନ ସାହୁ ପ୍ରଥମ ଓ ପୀୟୂଷ ପ୍ରୀତ୍ ସାହୁ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପିଲାମାନଙ୍କୁ ଆସନ୍ତା ମାର୍ଚ୍ଚ ୨୪ ତାରିଖ ମଧୁବୈଶ୍ୟ ସମାଜର ୪୧ତମ ବାର୍ଷିକ ଉତ୍ସବରେ ସାର୍ଟିଫିକେଟ୍ ସହ ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

**ଭାରତ ରଙ୍ଗ ମହୋତ୍ସବ**

# ରାଉରକେଲାର ନାଟକ 'ସୁନାର ଦେଶ ଭାରତବର୍ଷ' ମଞ୍ଚସ୍ଥ

**ରାଉରକେଲା, ୨୧।୨(ସମିସ)**

ନୂଆଦିଲ୍ଲୀସ୍ଥିତ ଜାତୀୟ ନାଟ୍ୟ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଭାରତ ରଙ୍ଗ ମହୋତ୍ସବର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଭାରତ 'ଜନରଙ୍ଗ'ରେ ଦେଶର ୨୦୦୦ଟି ନାଟକ, ସଙ୍ଗୀତ, ନୃତ୍ୟ ଠିକ୍ ଅପରାହ୍ନ ୪ଟାରେ ୨୦୦୦ଟି ସ୍ଥାନରେ ନାଟକ, ନୃତ୍ୟ, ସଙ୍ଗୀତ ଅନୁଷ୍ଠାନ ପରିବେଷଣ କରିଛନ୍ତି। ଏହି କ୍ରମରେ ରାଉରକେଲାର ଅଗ୍ରଣୀ ନାଟ୍ୟାନୁଷ୍ଠାନ ସମ୍ପର୍କ ପକ୍ଷରୁ 'ସୁନାର ଦେଶ ଭାରତବର୍ଷ' ନାଟକ ମ୍ୟୁଜିକ୍ ସର୍କଲର ଗଙ୍ଗାଧର ମେହେର ମଞ୍ଚରେ ମଞ୍ଚସ୍ଥ ହୋଇଥିଲା।







ଭାରତବର୍ଷ ବର୍ତ୍ତମାନ ପ୍ରଗତି ପଥରେ ଆଗେଇ ଚାଲିଛି। କେବଳ ନେତାମାନଙ୍କ ଉପରେ ଏହି ପ୍ରଗତିର ଦାୟିତ୍ୱ ଦେଇ ନାଗରିକମାନେ ଚୁପ୍ ରହି ନିଜ ଅଧିକାର ସାବ୍ୟସ୍ତ କଲେ ଦେଶ ବିକଶିତ ହୋଇପାରିବ ନାହିଁ। ଦେଶର ଆବାଳ ବୃଦ୍ଧବନିତା ଦେଶର ପ୍ରଗତିକୁ ନିଜର ପ୍ରଗତି ବୋଲି ଭାବି ନିଜ କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ କରିପାରିଲେ ଯାଇ ଆମ ଦେଶ ବିକଶିତ ହୋଇପାରିବ। ଆଉ ପୂର୍ବର ଉନ୍ନତ ସଂସ୍କୃତି ଓ ପରମ୍ପରାରେ ଭୂଷିତ ହୋଇ ଆମ ଭାରତ ସୁନାର ଦେଶ ଭାବେ ପୁଣି ପରିଗଣିତ ହେବ। ଏମିତି ଏକ ଦେଶାତ୍ମବୋଧକ କାହାଣୀକୁ ଭିତ୍ତିକରି ନାଟକଟି ଗତିଶୀଳ ହୋଇଥିଲା। ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ରଚିତ ଓ ନିର୍ଦ୍ଦେଶନାରେ ମଞ୍ଚସ୍ଥ ଏହି ନାଟକରେ ସୁରେନ୍ଦ୍ର ପାତ୍ରୀ, ସୁଦେଷ୍ଣାରାଣୀ ରାଉତ, ପୁଷ୍ପା ବିଶୋଇ ଓ ସସ୍ମିତା ବେକ୍‌ଙ୍କ ନିଖୁଣ ଅଭିନୟ ସମସ୍ତଙ୍କୁ ବିମୋହିତ କରିଥିଲା। ପ୍ରଦୀପ ଗୁରୁୱାରାଙ୍କ ମନଛୁଆଁ ସଙ୍ଗୀତ, ପ୍ରଳୟ ଶତପଥୀଙ୍କ ମଞ୍ଚସଜ୍ଜା ଓ ମୁରଲୀଧର ଦାଶ, ବିଶ୍ୱଜିତ ଦାଶ, ନୃସିଂହ ମହାନ୍ତିଙ୍କ ମଞ୍ଚ ପରିଚାଳନାରେ ମଞ୍ଚସ୍ଥ ଏହି ନାଟକ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

ନାଟକ ପରେ ଆୟୋଜିତ ଏକ ସଭାରେ ଆରଏସପିର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ଅଭୟ ଦାସ ଓ ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ପ୍ରଫେସର ଡ. ସମର ମୁଦାଲି ଅତିଥି ଭାବେ ଯୋଗଦେଇଥିଲେ। ଡ. ମୁଦାଲି ତାଙ୍କ ଅଭିଭାଷଣରେ ପରସ୍ପର ଭିତରେ ଭେଦଭାବ ଭୁଲି ଐକ୍ୟବଦ୍ଧ ଭାବେ କଳା ଓ ସଂସ୍କୃତିର ସୁରକ୍ଷା ନିମନ୍ତେ ସାମୂହିକ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ସମ୍ପର୍କର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପାତ୍ର ସଭାପତିତ୍ୱ କରିଥିଲା ବେଳେ ଟିଏନ୍ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରଜେନ୍ଦ୍ର ଦାସ, ଅଶୋକ ପଟ୍ଟନାୟକ, ଜୟଶ୍ରୀ ଦାସ, ପଞ୍ଚାନନ ପାତ୍ର, ସୁରଭି ରଣା, ମାନସ ସାହୁ, ବିଚିତ୍ର ଦାସ, ପ୍ରଭାକର ପାତ୍ର, ଅକ୍ଷୟ ଧଳ, ବିବେକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



## ଏଫ୍ଆଇଏଚ୍ ପୁରୁଷ ପ୍ରୋ ଲିଗ୍

# ‘ଭାରତ ମାତା କି ଜୟ’ରେ କମ୍ପିଲା ଷ୍ଟାଡିୟମ

ରାଉରକେଲା,୨୧ ।୨(ସମିସ): ଭାରତ ଓ ନେଦରଲାଣ୍ଡସ ମଧ୍ୟରେ ଖେଳ ଆରମ୍ଭ ପୂର୍ବରୁ ମଇଦାନକୁ ଭାରତ ଖେଳାଳିମାନେ ଆସିବା ସମୟରେ ଗ୍ୟାଲେରୀରେ ବସିଥିବା ଦର୍ଶକ ମହଲ ‘ଭାରତ ମାତା କି ଜୟ’ ନାରା ଦେଇଥିଲେ । ଏହି ନାରା ମ୍ୟାଚ୍ ଆରମ୍ଭ ଯାଏଁ ଜାରି ରହିଥିଲା ।









### ‘୫-ଟି’ ଅଧ୍ୟକ୍ଷଙ୍କୁ ଦେଖି ଦର୍ଶକ ଉତ୍ସାହିତ

ଆଜି ଭାରତ ଓ ନେଦରଲାଣ୍ଡସ ମଧ୍ୟରେ ଅନୁଷ୍ଠିତ ମ୍ୟାଚକୁ ଉଦଘାଟନ କରିବା ପାଇଁ ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ପହଞ୍ଚିଥିଲେ । ବିକାଶ ପୁରୁଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଦେଖି ଷ୍ଟାଡିୟମ୍‌ରେ ଉପସ୍ଥିତ ୨୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ତାଳିମାରି ତାଙ୍କୁ ଉତ୍ସାହର ସହ ସ୍ୱାଗତ କରିଥିବା ଦେଖିବାକୁ ମିଳିଥିଲା ।

### ଦର୍ଶକଙ୍କୁ ହାତ ହଲାଇ ଶୁଭେଚ୍ଛା ଜଣାଇଲେ ପାଣ୍ଡିଆନ

୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଷ୍ଟାଡିୟମ୍‌ରୁ ଦର୍ଶକଙ୍କୁ ହାତ ହଲାଇ ଶୁଭେଚ୍ଛା ଜଣାଉଥିବା ଦେଖିବାକୁ ମିଳିଥିଲା ।

### ବ୍ୟାନରରେ ଚିଅର୍ ଅପ୍

ଭାରତୀୟ ଦଳକୁ ଚିଅର୍ ଅପ୍ କରିବା ପାଇଁ ଅଧିକାଂଶ ଦର୍ଶକଙ୍କ ହାତରେ ଭାରତ ସମ୍ପର୍କିତ ବ୍ୟାନର ଦେଖିବାକୁ ମିଳିଥିଲା । ଦର୍ଶକମାନେ ଚାଟ ପେପରରେ ତ୍ରିରଙ୍ଗା ଆଙ୍କି ସେଥିରେ ହାତ ଲିଖିତ ଟିମ୍ ଇଣ୍ଡିଆ, ଇଣ୍ଡିଆ, ଆଇ ଲଭ୍ ଇଣ୍ଡିଆ ଭଳି ବିଭିନ୍ନ ଲେଖା ଧରିଥିବା ଦେଖିବାକୁ ମିଳିଥିଲା । ଏହାସହ ଜାତୀୟ ପତାକା ମଧ୍ୟ ପ୍ରଦର୍ଶନ କରିଥିବା ପରିଲକ୍ଷିତ ହୋଇଥିଲା ।

### ଗାଲ ଓ ମୁଣ୍ଡରେ ତ୍ରିରଙ୍ଗା

ଏଫ୍ଆଇଏଚ୍ ପ୍ରୋ ଲିଗ୍ ଆରମ୍ଭ ଦିନଠାରୁ ଲୋକେ ଗାଲରେ ତ୍ରିରଙ୍ଗା ଆଙ୍କି ଚାଲିଥିବା ଦେଖିବାକୁ ମିଳିଥିଲା । ହେଲେ ଆଜି ବୀରମିତ୍ରପୁରରୁ ଆସିଥିବା ଜଣେ ଯୁବକ ଗାଲରେ ତ୍ରିରଙ୍ଗା ଆଙ୍କିବା ସହ ମୁଣ୍ଡରେ ମଧ୍ୟ ବଡ଼ ଆକାରର ତ୍ରିରଙ୍ଗା ଆଙ୍କି ଥିବା ଦେଖିବାକୁ ମିଳିଥିଲା । ଏହା ଅନେକ ଲୋକଙ୍କୁ ଆକର୍ଷିତ କରିଥିଲା ।

### ୱେଷ୍ଟ ଷ୍ଟାଣ୍ଡରେ ଛାତ୍ରଛାତ୍ରୀ

ଷ୍ଟାଡିୟମର ୱେଷ୍ଟ ଷ୍ଟାଣ୍ଡର ସିଟ୍ ଛାତ୍ରଛାତ୍ରୀଙ୍କ ପାଇଁ ଫୁଲ୍ ହୋଇଥିଲା । ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ଏହି ସିଟ୍ ସଂରକ୍ଷଣ ରଖାଯାଇଥିଲା ବୋଲି ଜଣାପଡ଼ିଛି । ପ୍ରାୟ ୨୦ ପ୍ରତିଶତ ସିଟ୍ କେବଳ ଛାତ୍ରଛାତ୍ରୀଙ୍କ ପାଇଁ ଥିବା କୁହାଯାଇଛି ।

### ୨ ଓ ୬ ନଂ ଗେଟରେ ୨ କିଲୋମିଟର ଲମ୍ବା ଧାଡ଼ି

ଆରମ୍ଭ ହୋଇଯାଇଛି ମାଟ୍ରିକ ପରୀକ୍ଷା । ଆଗକୁ ଅଛି ଯୁକ୍ତ ଦୁଇ ପରୀକ୍ଷା । ତେବେ ହକି ଖେଳ ଦେଖିବାକୁ ଲୋକେ ଆସିବେ ନାହିଁ, ପିଲାଙ୍କ ପରୀକ୍ଷା ଥିବା ଯୋଗୁଁ ଆଉ ଭିଡ଼ ହେବନି, ଏଭଳି ଅନେକ ଚର୍ଚ୍ଚା ଲୋକଙ୍କ ମଧ୍ୟରେ ଲାଗି ରହିଥିଲା । ହେଲେ ଏହି ଚର୍ଚ୍ଚା କେବଳ ଚର୍ଚ୍ଚାରେ ହିଁ ରହିଯାଇଛି । ଆଜିର ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମ୍‌ର ୨ ଓ ୬ ନଂ ପ୍ରବେଶ ପଥରେ ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା । ପ୍ରାୟ ୨ କିମି ଯାଏଁ ଲୋକେ ଧାଡ଼ି କରି ଛିଡ଼ା ହୋଇଥିଲେ ।

### ଛାତ୍ରଛାତ୍ରୀଙ୍କ ହାତରେ ପାଣ୍ଡିଆନଙ୍କ ଫଟୋ

ଆଜିର ମୁଖ୍ୟଅତିଥି ଭାବେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇଥିଲେ । ସେ ମଇଦାନକୁ ଆସିବା ପରେ ତାଙ୍କ ଫଟୋ ଥିବା ପୋଷ୍ଟର ଗ୍ୟାଲେରୀର ୱେଷ୍ଟ ଷ୍ଟାଣ୍ଡରେ ବସିଥିବା କିଛି କଲେଜ ଛାତ୍ରଛାତ୍ରୀ ହାତରେ ଧରି ହଲାଇ ସ୍ୱାଗତ କରିଥିବା ଦେଖିବାକୁ ମିଳିଥିଲା । ଏହାସହ ହାଫ୍ ଟାଇମ୍ ପରେ ପୁଣି ପାଣ୍ଡିଆନ ମଇଦାନକୁ ଆସି ନିଜ ବକ୍ତବ୍ୟ ରଖିଥିଲେ । ସେହି ସମୟରେ ମଧ୍ୟ ତାଙ୍କ ଫଟୋ ଛାତ୍ରଛାତ୍ରୀ ହାତରେ ଧରି ପ୍ରଦର୍ଶନ କରିଥିଲେ ।











# ‘୫-ଟି’ ଅଧ୍ୟକ୍ଷ ଦେଖିଲେ ଭାରତ-ନେଦରଲାଣ୍ଡସ ମ୍ୟାଚ୍












**ରାଉରକେଲା,୨୧ ।୨(ସମିସ)**

୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବୁଧବାର ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ଭାରତ ଓ ନେଦରଲାଣ୍ଡସ ମଧ୍ୟରେ ଅନୁଷ୍ଠିତ ପ୍ରୋ ଲିଗ୍ ହକି ମ୍ୟାଚ ଦେଖିଥିଲେ । ପ୍ରାରମ୍ଭରେ ଏହି ମ୍ୟାଚକୁ ପାଣ୍ଡିଆନ୍ ଇଦଘାଟନ କରିଥିଲେ । ଏହି ଅବସରରେ କ୍ରୀଡ଼ା ସଚିବ ଆର୍. ଭିନିଲକ୍ରିଷ୍ଣା, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ଉପସ୍ଥିତ ଥିଲେ । ଭାରତ ଓ ନେଦରଲାଣ୍ଡସ ମଧ୍ୟରେ ଅନୁଷ୍ଠିତ ହକି ମ୍ୟାଚର ହାଫ୍ ଟାଇମରେ ପାଣ୍ଡିଆନ୍ ସମବେତ ୨୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କୁ ଉଦବୋଧନ ଦେଇ କହିଲେ, ସୁନ୍ଦରଗଡ଼ ଜିଲ୍ଲାରେ ହକି ହେଉଛି ଅତି ପ୍ରସିଦ୍ଧ ଖେଳ, ଯେଉଁଥିପାଇଁ ଓଡ଼ିଶାବାସୀଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱକପ୍ ହକି ଆୟୋଜନ ପାଇଁ ରାଉରକେଲାରେ ବିଶ୍ୱର ସର୍ବଶ୍ରେଷ୍ଠ ହକି ଷ୍ଟାଡିୟମ୍ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହା ରାଉରକେଲାକୁ ଗ୍ଲୋବାଲ ହକି ହବ୍ କରିଥିବାବେଳେ ସୁନ୍ଦରଗଡ଼ ଜିଲ୍ଲାର ହକିପ୍ରେମୀଙ୍କ ପାଇଁ ଏକ ବଡ଼ ସମ୍ମାନ । ଭାରତୀୟ ଦଳ ଖୁବ୍ ଭଲ ଖେଳିବା ସହ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଛନ୍ତି । କ୍ରୀଡ଼ା ପରିଚାଳନା ପାଇଁ ଆମେ ଆହୁରି ଅଧିକ ପ୍ରଫେସନାଲ ଆଣିବାକୁ ଚାହୁଁଛୁ । କର୍ପୋରେଟ ସଂସ୍ଥାମାନେ ଏଥିରେ ଅଧିକ ପୁଞ୍ଜି ନିବେଶ କରିବାକୁ ସେ ଆହ୍ୱାନ ଦେଇଥିଲେ ।






# ନୂଆଗାଁ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା



**କୁତ୍ରା, ୨୧।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ନୂଆଗାଁ ପଞ୍ଚାୟତ ପ୍ରାଙ୍ଗଣରେ ବୁଧବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ରାଜ୍ୟ ଉପସଭାପତି ମଙ୍ଗଳା କିଶାନ, ସମ୍ମାନିତ ଅତିଥି ଭାବେ ରୋଶନ ବାର୍ଲା, ବିଦ୍ୟାଧର ସାହୁ, ଝାରବେଡ଼ା ସରପଞ୍ଚ ଭିକ୍ଟୋରିଆ ଜୋଜୋ ଓ ଝାରବେଡ଼ା ସମିତି ସଭ୍ୟା ପ୍ରତିମା କୁଆ ଯୋଗଦେଇଥିଲେ। ନୂଆଗାଁ ସରପଞ୍ଚ ସାୟୁନ ସାମାଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ନୂଆଗାଁ ଜିଆରଏସ ଯୁଗଳ କିଶୋର ହସ୍ତି ମଞ୍ଚ ପରିଚାଳନା କରିଥିଲେ। ସମିତିସଭ୍ୟା ଜ୍ୟୋତ୍ସ୍ନା କେର୍କେଟା, କାର୍ଯ୍ୟନିର୍ବାହୀ ଅଧିକାରୀ ଡିଲେଶ୍ୱର ଖମାରୀ, ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ ଓ ଗାଁ ସାଥୀମାନେ ସହଯୋଗ କରିଥିଲେ। ପଞ୍ଚାୟତରେ ଥିବା ବିଭିନ୍ନ ଏସଏଚଜି ସଦସ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖାଦ୍ୟ, ମିଠା, ପିଠା, ଖେଳିଦନା ଓ ପୂଜା ସାମଗ୍ରୀର ଷ୍ଟଲ ଲଗାଯାଇଥିଲା। ଶେଷରେ ନୂଆଗାଁ ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ।

ଟାଙ୍ଗରପାଳି ବ୍ଲକ୍ ଶିକ୍ଷା ବିଭାଗରେ ବ୍ୟାପକ ଅନିୟମିତତା

# ୩ ବିଦ୍ୟାଳୟର ୮ ଶିକ୍ଷକଙ୍କୁ କାରଣଦର୍ଶାଅ ନୋଟିସ

**ସୁନ୍ଦରଗଡ଼, ୨୧।୨(ସମିସ)**

ଟାଙ୍ଗରପାଲି ବ୍ଲକ ଶିକ୍ଷା ବିଭାଗରେ ବ୍ୟାପକ ଅନିୟତତା ଅଭିଯୋଗ ହୋଇଆସୁଛି। ବିଳମ୍ବରେ ହେଲେ ମଧ୍ୟ ବିଭାଗୀୟ ଅଧିକାରୀ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଫଳସ୍ୱରୂପ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ୩ ପ୍ରାଥମିକ ବିଦ୍ୟାଳୟର ୮ ଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଦେଇଛନ୍ତି।

ଯୋଗିମାଳ ପଞ୍ଚାୟତ ଏର୍ଗା ଡମବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୀମା ପଟେଲ ଓ ସହକାରୀ ଶିକ୍ଷକ ବରୁଣ ନାଏକଙ୍କ ବିରୋଧରେ ଗ୍ରାମବାସୀ ଏବଂ ସ୍କୁଲ ପରିଚାଳନା କମିଟି ବିଇଓଙ୍କଠାରେ ଲିଖିତ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁଯାୟୀ, ଏହି ଦୁଇ ଶିକ୍ଷକ ଶିକ୍ଷୟିତ୍ରୀ ଠିକ ସମୟରେ ସ୍କୁଲ ଆସୁନାହାନ୍ତି କି

## ବିଇଓଙ୍କୁ ଲାଞ୍ଚ ଯାଚୁଥିଲେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ

ପିଲାଙ୍କୁ ଭଲ ଭାବେ ପାଠ ପଢ଼ାଉନାହାନ୍ତି। ପିଲାମାନେ ସାଧାରଣ ଅକ୍ଷର ମଧ୍ୟ ଚିହ୍ନିପାରୁ ନାହାନ୍ତି। ପ୍ରଧାନଶିକ୍ଷୟିତ୍ରୀ ସ୍କୁଲ ପରିଚାଳନା କମିଟିକୁ ଅନ୍ଧାରରେ ରଖି ଉପଯୁକ୍ତ ଖର୍ଚ୍ଚ ବିନା ବିଲ୍ ଭାଉଚର ପ୍ରସ୍ତୁତ କରୁଛନ୍ତି। ସ୍କୁଲକୁ ଆସୁଥିବା ଅନୁଦାନ ସମ୍ପର୍କରେ ସେ ଆଦୌ ଜଣାଉନାହାନ୍ତି। ସେହିପରି ସାନପତ୍ରାପାଲି ପଞ୍ଚାୟତ ପାଥକିଜୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ଦାଶ ଓ ସହକାରୀ ଶିକ୍ଷୟିତ୍ରୀ ମାନସୀ ଜେନାଙ୍କ ବିରୋଧରେ ମଧ୍ୟାହ୍ନଭୋଜନରେ ଅନିୟମିତତା ଅଭିଯୋଗ ହୋଇଛି। ବିଇଓଙ୍କ ସ୍କୁଲ ପରିଦର୍ଶନ ସମୟରେ ୪ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ଆତ୍ମସାତ କରାଯାଇଥିବା ଜଣାପଡ଼ିଛି। ଏତଦବ୍ୟତୀତ, ଖୁଣ୍ଟଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଅନିୟମିତା ଧରାପଡ଼ିଛି। ବିଇଓଙ୍କ ସ୍କୁଲ ପରିଦର୍ଶନ ସମୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପଦ୍ମବତୀ କାଲୋଙ୍କ ସମେତ କୌଣସି ଶିକ୍ଷକ ଶିକ୍ଷୟିତ୍ରୀ ଦୀର୍ଘଦିନରୁ ପାଠ୍ୟକ୍ରମ ନୋଟ୍ ନ ଡାକିବା, ଶିକ୍ଷାଦାନ ସନ୍ତୋଷଜନକ ନ ଥିବା ଜଣାପଡ଼ିଥିବା ବେଳେ ଏହି ସ୍କୁଲରେ ମଧ୍ୟ ମଧ୍ୟାହ୍ନଭୋଜନ ଆତ୍ମସାତ ହୋଇଥିବା ସ୍ପଷ୍ଟ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଉପସ୍ଥାନ ସଂଖ୍ୟାଠାରୁ ପ୍ରତିଦିନ ଅଧିକ ୬ଟି ମିଲ୍ ରନ୍ଧାଯିବା ଭଳି ଅନିୟମିତିତା ଧରାପଡ଼ିଥିଲା। ପ୍ରତିଦିନ ୬ଟି ମିଲର ଖର୍ଚ୍ଚ ବାବଦ ବର୍ଷକୁ ପ୍ରାୟ ୧୨ ହଜାର ଟଙ୍କା ଆତ୍ମସାତ କରାଯାଉଥିବା ସ୍ପଷ୍ଟ ହୋଇଥିଲା। ଉକ୍ତ ଅନିୟମିତତାକୁ ଘଣ୍ଟ ଘୋଡ଼ାଇବା ପାଇଁ ପ୍ରଧାନଶିକ୍ଷୟିତ୍ରୀ ଲାଞ୍ଚ ଯାଚିବା ଭଳି ବିଇଓ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ଏହି ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ବ୍ୟତୀତ ଅନ୍ୟ ତିନି ସହକାରୀ ଶିକ୍ଷକଙ୍କୁ ମଧ୍ୟ କୈଫିୟତ ତଲବ କରାଯାଇଛି। ସେହିପରି ଅନ୍ୟ ଦୁଇ ବିଦ୍ୟାଳୟର ସମ୍ପୃକ୍ତ ଶିକ୍ଷକ ଶିତ୍ରୟିତ୍ରୀଙ୍କୁ କୈଫିୟତ ମଗାଯାଇଥିବା ବେଳେ ଇତିମଧ୍ୟରେ ଏମାନେ ସମସ୍ତେ ଲିଖିତ ଉତ୍ତର ରଖିଛନ୍ତି। ଏ ନେଇ ଟାଙ୍ଗରପାଲି ବିଇଓ ମହେନ୍ଦ୍ର ସେରୋନିଆଙ୍କୁ ପଚାରିବାରେ ସମ୍ପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ କୈଫିୟତ ଦେଇନାହାନ୍ତି, ଭବିଷ୍ୟତରେ ଏପରି କରିବେ ନାହିଁ ବୋଲି ଅଣ୍ଡରଟେକିଂ ଲେଖିଛନ୍ତି, ଯାହା ସନ୍ତୋଷଜନକ ନୁହେଁ ବୋଲି କହିଛନ୍ତି।

# ଆର୍‌ଏସ୍‌ପି ପକ୍ଷରୁ ଗଣଯୋଗାଯୋଗ ଅଧିବେଶନ





**ରାଉରକେଲା, ୨୧।୨(ସମିସ):** ଦଳର ପ୍ରତ୍ୟେକ ସଦସ୍ୟଙ୍କ ଅନନ୍ୟ ଗୁଣର ଏକୀକରଣ ଏବଂ ସାମୁଦାୟିକ ଦକ୍ଷତାର ପୂର୍ଣ୍ଣ ଉପଯୋଗ ସଫଳତା ପାଇଁ ଅତ୍ୟାବଶ୍ୟକ ବୋଲି ଗୋପବନ୍ଧୁ ପ୍ରେକ୍ଷାଳୟରେ ଅନୁଷ୍ଠିତ ୮୭୧ତମ ଗଣଯୋଗାଯୋଗ ଅଧିବେଶନରେ ରାଉରକେଲା ଇସ୍ପାତ କାରଖାନା ସାମୁଦାୟିକଙ୍କୁ ଉଦବୋଧନ ଦେଇ ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡିଆଇସି) ଅତନୁ ଭୌମିକ ଉଲ୍ଲେଖ କରିଛନ୍ତି। ଏହି ଅବସରରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡା. ବିକେ ହୋତା, କାର୍ମିକ ଓ ପ୍ରଶାସନ ବିଭାଗ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମଞ୍ଚାସୀନ ଥିଲେ। ଅର୍ଥ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏକେ ବେହୁରିଆଙ୍କ ସମେତ ବହୁ ସିଜିଏମ୍ ଏବଂ ବିଭାଗ ମୁଖ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଗ୍ରୁପ ଏଡି ମାଇନ୍ସ ସମେତ ଆରଏସପିର ବିଭିନ୍ନ ବିଭାଗର ପ୍ରାୟ ୫୦୦ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

କାରଖାନାର ସାମ୍ପ୍ରତିକ ପ୍ରଦର୍ଶନ ଉପରେ ଆଲୋକପାତ କରି ଡିଆଇସି ଭୌମିକ କହିଲେ ଯେ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ଯଦିଓ ଆମର ସାମଗ୍ରିକ ପ୍ରଦର୍ଶନ ଉତ୍ସାହଜନକ ରହିଛି, କିନ୍ତୁ ଲାଭାର୍ଜନରେ ବୃଦ୍ଧି ଆଣିବା ପାଇଁ ଆମକୁ ସମ୍ମିଳିତ ପ୍ରୟାସ ଓ ବିଭାଗଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ମାଧ୍ୟମରେ ଆମ କାର୍ଯ୍ୟନିପୁଣତାରେ ଅଧିକ ଉନ୍ନତି ଆଣିବାକୁ ହେବ। ସୁରକ୍ଷା ସଂସ୍କୃତିରେ ପରିବର୍ତ୍ତନ ଆଣିବା ପାଇଁ କାରଖାନାର ସଦ୍ୟତମ ହସ୍ତକ୍ଷେପ ବିଷୟରେ ସେ କହିଥିଲେ। କମ ଏନଏସଆର ଏବଂ ଇନପୁଟ୍ ମୂଲ୍ୟ ବୃଦ୍ଧିର ମୁକାବିଲା ପାଇଁ ଉତ୍ପାଦନ ମୂଲ୍ୟ ହ୍ରାସ ଦିଗରେ କାର୍ଯ୍ୟ କରିବା ଏବଂ ଶୂନ୍ୟ ଦୁର୍ଘଟଣା, ଶୂନ୍ୟ ବ୍ରେକଡାଉନ୍ ଏବଂ ଶୂନ୍ୟ ଅପଚୟ ହାସଲ କରିବାକୁ ଲକ୍ଷ୍ୟ ରଖିବା ନିମନ୍ତେ ଡିଆଇସି ଆହ୍ୱାନ ଦେଇଥିଲେ। ତୀବ୍ର ପ୍ରତିଯୋଗିତାମୂଳକ ବଜାରରେ ଉଦୀୟମାନ ନୂତନ ବୃହତ ଉଦ୍ୟୋଗଗୁଡ଼ିକର ସମତୁଲ ହେବାର ଆବଶ୍ୟକତାକୁ ଦର୍ଶାଇ ଭୌମିକ ସର୍ବଶ୍ରେଷ୍ଠ କ୍ଷମତା ଉପଯୋଗ ଏବଂ ଗ୍ରାହକ ଆକାଂକ୍ଷା ପୂରଣ ପାଇଁ ଉତ୍ପାଦର ଗୁଣମାନ ଉପରେ ଧ୍ୟାନଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜାତୀୟ ସଙ୍ଗୀତ ଗାନ ସହ ଏହି ଅଧିବେଶନ ଆରମ୍ଭ ହୋଇଥିଲା। ପରେ ଲୋକସମ୍ପର୍କ ବିଭାଗ ଦ୍ୱାରା ନିର୍ମିତ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା ଯେଉଁଥିରେ ପ୍ରେରଣାଦାୟକ ଭିଡିଓ ଏବଂ ଟାଉନସିପରେ ବିଭିନ୍ନ ପ୍ରୟାସ, ଲକ୍ଷ୍ୟ, ସଫଳତା ଏବଂ ନୂତନ ସୁବିଧା ସମେତ ଗତ ଆର୍ଥିକବର୍ଷରେ ଆରଏସପିର ପ୍ରଦର୍ଶନ ତଥା ଚଳିତ ଆର୍ଥିକ ବର୍ଷର ପ୍ରଦର୍ଶନ, ଏବିପି ଲକ୍ଷ୍ୟ ଆଦି ସ୍ଥାନ ପାଇଥିଲା। ପରେ ମତବିନିମୟ ଅଧିବେଶନରେ କର୍ମଚାରୀମାନେ ଉତ୍ପାଦନ, ଉତ୍ପାଦକତା, ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ। ପୂର୍ବ ଅଧିବେଶନରେ ଦିଆଯାଇଥିବା ପରାମର୍ଶଗୁଡ଼ିକର ଅନୁପାଳନ ସ୍ଥିତି ଉପରେ ଆଉ ଏକ ପ୍ରସ୍ତୁତୀକରଣ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ଏଚଆରଡି ବିଭାଗର ସତ୍ୟବତୀ ବେହେରା ସଂଯୋଜନା କରିଥିଲେ।

# ଦିବ୍ୟାଙ୍ଗ କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ସହାୟତା ଓ ହ୍ୱିଲ ଚେୟାର ପ୍ରଦାନ

**ସୁନ୍ଦରଗଡ଼, ୨୧।୨(ସମିସ):** ୫-ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ଦ୍ଦେଶ କ୍ରମେ ରାଜଗାଙ୍ଗପୁରର ଜଣେ ଦିବ୍ୟାଙ୍ଗ କ୍ରୀଡ଼ାବିତ୍‌ଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଓ ହ୍ୱିଲ୍ ଚେୟାର ଯୋଗାଇ ଦିଆଯାଇଛି। ଗତ ମାସ ୪ ତାରିଖ ପାଣ୍ଡିଆନ ରାଜଗାଙ୍ଗପୁର ବ୍ଲକ ଜାମପାଲି ଖେଳପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଫେରୁଥିବା ବେଳେ ବାରିକେଡ୍ ନିକଟରେ ଦିବ୍ୟାଙ୍ଗ ବସନ୍ତନିମ ଶ୍ରେଷ୍ଠ ଅଭିଯୋଗପତ୍ର ଧରି ଠିଆହୋଇଥିବା ଦେଖିବାକୁ ପାଇଥିଲେ। ପରେ ତାଙ୍କ କାର ଅଟକାଇ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅନେକ ପଦକ ଜିଣିଥିବା ବସନ୍ତ ତାଙ୍କୁ ଏକ ହ୍ୱିଲ ଚେୟାର ପ୍ରଦାନ କରିବାକୁ ୫-ଟି ଅଧ୍ୟକ୍ଷଙ୍କୁ ଅନୁରୋଧ କରିଥିଲେ। ପାଣ୍ଡିଆନ ତାଙ୍କ ଅଭିଯୋଗପତ୍ର ଗ୍ରହଣ କରି ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ବସନ୍ତଙ୍କୁ ୩୯ ହଜାର ଟଙ୍କା ସହ ଏକ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ଜିଲ୍ଲାପାଳ ଡା. ପରାଗ ଗାଭାଲି ହର୍ଷଦ ଉକ୍ତ ହ୍ୱିଲ ଚେୟାର ପ୍ରଦାନ କରିଛନ୍ତି।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ




**ସୁନ୍ଦରଗଡ଼, ୨୧।୨(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରେ ବୁଧବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ପଟେଲ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦଘାଟନ କରିଥିଲେ। ଗୁରୁମା ପୁଷ୍ପଲତା ପାଣ୍ଡେଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମାତୃଭାଷା ଓଡ଼ିଆ ପ୍ରମୁଖ ନଳିନୀ ପଟେଲ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ କହିଥିଲେ। ମୁଖ୍ୟବକ୍ତା ଆଚାର୍ଯ୍ୟ ରାଜେଶ ତନ୍ତୀ ମାତୃଭାଷା ଓଡ଼ିଆର ମହତ୍ତ୍ୱ ଏବଂ ଆବଶ୍ୟକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ୫ ଜଣ ଶିଶୁ ଭାଇଭଉଣୀ ଓଡ଼ିଶାର ମହାପୁରୁଷମାନଙ୍କ ବିଷୟରେ କହିଥିଲେ। ଏହି ଅବସରରେ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଏଥିରେ ବିଦ୍ୟାଳୟର ୫୫୦ ବିଦ୍ୟାର୍ଥୀ ସମେତ ଗୁରୁଜୀ ଗୁରୁମା ସାମିଲ ହୋଇଥିଲେ।

● ସିନର୍ଜି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୪

# ଫାଇନାଲରେ ଇଲେକ୍ଟ୍ରିକାଲ ଆଣ୍ଡ ପାୱାର ଓ ଟି ଆଣ୍ଡ ଆର୍‌ଏମ୍-ସି ଆଣ୍ଡ ଆଇଟି ଦଳ

**ରାଉରକେଲା, ୨୧।୨(ସମିସ):** ସିନର୍ଜି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୪ର ଦୁଇ ସେମିଫାଇନାଲ ବୁଧବାର ଅନୁଷ୍ଠିତ ହୋଇଛି। ଇଲେକ୍ଟ୍ରିକାଲ୍ ଆଣ୍ଡ ପାୱାର୍ ଦଳ ଏବଂ ଟି ଆଣ୍ଡ ଆରଏମ ଓ ସି ଆଣ୍ଡ ଆଇଟି ଦଳ ବିଜୟୀ ହୋଇ ଫାଇନାଲରେ ସ୍ଥାନ ପାଇଛନ୍ତି। ପ୍ରଥମ ସେମି ଫାଇନାଲ୍ ମ୍ୟାଚ୍‌ରେ ଇଲେକ୍ଟ୍ରିକାଲ୍ ଆଣ୍ଡ ପାୱାର୍ ଦଳ ସିଆରଏମ, ଏସଏସଏମ ଓ ପିପି ଦଳକୁ ୯ ୱିକେଟ୍‌ରେ ପରାସ୍ତ କରିଥିଲା। ଟସ୍ ଜିଣି ବୋଲିଂ ଚୟନ କରି ଇଲେକ୍ଟ୍ରିକାଲ୍ ଆଣ୍ଡ ପାୱାର ଦଳ ନିର୍ଦ୍ଧାରିତ ୧୫ ଓଭରରେ ସିଆରଏମ, ଏସଏସଏମ ଓ ପିପି ଦଳକୁ ୭ ୱିକେଟ୍‌ରେ ୮୩ ରନ୍‌ରେ ସୀମିତ ରଖିଥିଲା। ଜବାବରେ ଇଲେକ୍ଟ୍ରିକାଲ୍ ଆଣ୍ଡ ପାୱାର୍ ଦଳ ୧୦.୧ ଓଭରରେ କେବଳ ଗୋଟିଏ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା। ୪ ଓଭରରେ ୧୬ ରନ୍ ଦେଇ ୩ ୱିକେଟ୍ ନେଇଥିବା ଅଜୟ କୁମାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ କରାଯାଇଥିଲା। ରୋମାଞ୍ଚକର ଦ୍ୱିତୀୟ ସେମିଫାଇନାଲରେ ଟି ଆଣ୍ଡ ଆରଏମ ଓ ସି ଆଣ୍ଡ ଆଇଟି ଦଳ ଏସଏମଏସ-୨ ଦଳକୁ ୪ ୱିକେଟରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଏସଏମଏସ-୨ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୬ ୱିକେଟ ହରାଇ ୧୦୬ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଟି ଆଣ୍ଡ ଆରଏମ ଓ ସି ଆଣ୍ଡ ଆଇଟି ଇନିଂସର ଶେଷ ବଲରେ ଆବଶ୍ୟକ ରନ ହାସଲ କରିଥିଲା। ଫାଇନାଲ ମ୍ୟାଚ ଗୁରୁବାର ଖେଳାଯିବ।

# ବିକଶିତ ଭାରତ ସଂକଳ୍ପ ଯାତ୍ରା

**କୁତ୍ରା, ୨୧।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କୁତ୍ରା ପଞ୍ଚାୟତଠାରେ ବୁଧବାର ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ପ୍ରଭାରୀ ରଞ୍ଜନା ଚୋପ୍ରା, ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ଏସବିଆଇ ଡିଜିଏମ ମୋହନ ସ୍ୱାଇଁ, ୟୁକୋ ବ୍ୟାଙ୍କ ଏସଏଲବିସି ଗୌତମ ପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୁଃଖବନ୍ଧୁ ନାଏକ, କୁତ୍ରା ବିଡିଓ ଯୁଗଳ କିଶୋର ବିଶ୍ୱାଳ, କୁତ୍ରା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା, ଉପାଧ୍ୟକ୍ଷ କଷ୍ଟଭୂଷଣ ହୋତା ଯୋଗଦେଇଥିଲେ। କୁତ୍ରା ବ୍ଲକ ବିଓ ଅଧିକାରୀ ସରମିଲା ଖାଲଖୋ ମଞ୍ଚ ପରିଚାଳନା କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଏହି ଅବସରରେ ଆଲୋଚନା କରାଯାଇଥିଲା। ଏବିଡିଓ ଲିଲି ସଞ୍ଜିତା ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟା, ଏସଏଚଜି ସଦସ୍ୟାଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ।

# ସ୍କୁଟିକୁ ଧକ୍କାଦେଲା ଅଜଣା ଗାଡ଼ି / ଶିଶୁପୁତ୍ର ମୃତ, ବାପ-ଝିଅ ଗୁରୁତର

**ସୁନ୍ଦରଗଡ଼, ୨୧।୨(ସମିସ):** ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ସେମିନା ଛକରେ ଏକ ସ୍କୁଟିକୁ ଅଜଣା ଗାଡ଼ି ଧକ୍କାଦେବା ଫଳରେ ସ୍କୁଟି ଚାଳକ ରାଜୁ ସୋରେନଙ୍କ ୬ ବର୍ଷର ପୁଅ ଅମିତର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ରାଜୁ ଓ ତାଙ୍କ ୯ ବର୍ଷର ଝିଅ ଝରଣା ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ସ୍କୁଟି ଯୋଗେ ଏମାନେ ଘରକୁ ଫେରୁଥିବା ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ଡାକ୍ତରଖାନା ପଠାଇଥିଲେ। ମାତ୍ର ସେଠାରେ ଅମିତର ମୃତ୍ୟୁ ଘଟିଛି। ଅଭିଯୋଗ ପାଇ ବୁଧବାର ପୁଲିସ ଅମିତର ମୃତଦେହ ଡାକ୍ତରଖାନାରୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୁଲିସ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଚିହ୍ନଟ କରିବାକୁ ଉଦ୍ୟମ ଚଳାଇଛି।

ଜୋର୍ ଧରିଲା ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଦାବି

# ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ୩ ଦଫା ଦାବିପତ୍ର




**ସୁନ୍ଦରଗଡ଼, ୨୧।୨(ସମିସ)**

ଭୂୟାଁ ଆଦିବାସୀ ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଦାବି ଜୋର ଧରିଛି। ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜ ପକ୍ଷରୁ ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏ ଶୋଭାଯାତ୍ରା କରାଯାଇ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲାର ଭୂମିପୁତ୍ର ଭୂୟାଁ ଆଦିବାସୀମାନେ ଜିଲ୍ଲା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବୀର ମାଦ୍ରୀ କାଲୋ ସୁନ୍ଦରଗଡ଼ ମାଟିର ସ୍ୱାଭିମାନ ରକ୍ଷା ପାଇଁ ବ୍ରିଟିଶ ଶାସନ ବିରୋଧରେ ଗାଙ୍ଗପୁର ବିଦ୍ରୋହ ତଥା ପ୍ରଜାମେଳିର ନେତୃତ୍ୱ ନେଇ ଲଢ଼େଇ କରିଥିଲେ। ତାଙ୍କ ବିଦ୍ରୋହ ଯୋଗୁଁ ବ୍ରିଟିଶରମାନେ ସୁନ୍ଦରଗଡ଼ ମାଟିରୁ ପଛଘୁଞ୍ଚା ଦେବାକୁ ବାଧ ହୋଇଥିଲେ। ମାତ୍ର ଏ ପର୍ଯ୍ୟନ୍ତ ତାଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପ୍ରଦାନ କରାଯାଇ ନ ଥିବା ଦର୍ଶାଇ ଭୂୟାଁ ସମାଜ ପକ୍ଷରୁ ତୁରନ୍ତ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପ୍ରଦାନ ପାଇଁ ଦାବି କରାଯାଇଛି। ସେହିପରି ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଏବଂ ଡାକ୍ତରଖାନାକୁ ବୀର ମାଦ୍ରି କାଲୋଙ୍କ ନାମରେ ନାମିତ କରିବାକୁ ଏଥିରେ ଦାବି ରହିଛି।

ଏତଦ୍ୟତୀତ, ଖଣ୍ଡାୟତ ଭୂୟାଁ ସମାଜକୁ ଆଦିବାସୀ ମାନ୍ୟତା ମିଳି ନ ଥିବାରୁ ଆଦିବାସୀ ମାନ୍ୟତା ପାଇଁ ଦାବି କରାଯାଇଛି। ବର୍ତ୍ତମାନ ଭୂୟାଁ ଆଦିବାସୀମାନଙ୍କ ଅସ୍ମିତା ଓ ସ୍ୱାଭିମାନ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଥିବାପରି ମନେହେଉଛି। ଭୂୟାଁ ଜାତିମାନଙ୍କ ଉପସ୍ଥିତି ଆଦିମ କାଳରୁ ସୁନ୍ଦରଗଡ଼ ମାଟିରେ ଥିଲେ ସୁଦ୍ଧା ଭୌଗୋଳିକ ଅବସ୍ଥିତିରେ ଅନେକ ଭାଗରେ ବିଭକ୍ତ କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲାରେ ଭୂୟାଁ, ଖଣ୍ଡାୟତ ଭୂୟାଁ, ପରଜା ଭୂୟାଁ, ପାଉଡ଼ି ଭୂୟାଁ ଆଦି ଚାରି ଭାଗ କରାଯାଇଥିବା ବେଳେ ଖଣ୍ଡାୟତ ଭୂୟାଁ ଶ୍ରେଣୀରେ ଥିବା ଭୂୟାଁମାନଙ୍କୁ ଆଦିବାସୀ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଫଳରେ ଖଣ୍ଡାୟତ ଭୂୟାଁ ସମାଜର ପିଲା ଆଦିବାସୀ ପ୍ରମାଣପତ୍ରରୁ ବଞ୍ଚିତ ହୋଇ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସୁବିଧା ସୁଯୋଗ ପାଇପାରୁ ନାହାନ୍ତି। ନିକଟରେ ପାଉଡ଼ି ଭୂୟାଁଙ୍କୁ ଆଦିବାସୀ ମାନ୍ୟତା ମିଳିଥିବା ବେଳେ ଖଣ୍ଡାୟତ ଭୂୟାଁଙ୍କୁ ଆଦିବାସୀ ବର୍ଗରେ ସାମିଲ କରାଯାଇ ନାହିଁ ବୋଲି ଏଥିରେ ଦର୍ଶାଯାଇଛି।

ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜର କେନ୍ଦ୍ର କମିଟି ସଭାପତି ମେଘନାଦ ନାଏକ ଓ ସାଧାରଣ ସମ୍ପାଦକ ଧ୍ରୁବ କାଲୋଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରାରେ ତଳସରା ବିଧାୟକ ଭବାନୀଶଙ୍କର ଭୋଇ, କେନ୍ଦ୍ର ଉପ ସଭାପତି ଦେବେନ୍ଦ୍ର ଅମାତ, ସମ୍ପାଦକ ରାମଚନ୍ଦ୍ର ଅମାତ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟା ମୈଥିଳୀ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ନାଏକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବିରନ୍ଧ ପଟେଲ, ନାଗରା ସଭାପତି ରଘୁନାଥ ବେହେରା, ଏଚ୍‌ଟିଏଲ୍ ସଭାପତି ପ୍ରତାପ ନାରାୟଣ ସିଂ, ମହିଳା ସଂଗଠନ ସଭାନେତ୍ରୀ ଇନ୍ଦୁମତି ନାଏକ, ସୁରେନ୍ଦ୍ର ଭିତ୍ରିଆ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ ସାମାଜିକ କର୍ମକର୍ତ୍ତା ଓ ସଭ୍ୟସଭ୍ୟା ଯୋଗଦେଇଥିଲେ।

# ଝାଡ଼ାବାନ୍ତିରେ ଜଣେ ମୃତ

**ସୁନ୍ଦରଗଡ଼, ୨୧।୨(ସମିସ):** ଟାଙ୍ଗରପାଲି ବ୍ଲକ ବାଲିଜୋରି ଗ୍ରାମରେ ଝାଡ଼ାବାନ୍ତିରେ ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଗ୍ରାମର ଉମାକାନ୍ତ ତାଜନ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ମୃତ୍ୟୁ ଘଟିଛି। ଅଭିଯୋଗ ପାଇ ସୁନ୍ଦରଗଡ଼ ସଦର ଥାନା ପୁଲିସ ବୁଧବାର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

● ମୃତଦେହର ସମ୍ମାନଜନକ ପରିବହନ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ

# ମାସକରେ ୧୭୫ ପରିବାରକୁ ମହତ୍ ସେବା

**ସୁନ୍ଦରଗଡ଼, ୨୧।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାରେ ମୃତଦେହର ସମ୍ମାନଜନକ ପରିବହନ ଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଉତ୍ତମ ସେବା ପାଇଁ ଡିଏମଏଫ୍ ପକ୍ଷରୁ ମହାପ୍ରୟାଣ ଗାଡ଼ି ପ୍ରଦାନ କରି ତାହାର ପରିଚାଳନା ପାଇଁ ଜେଡ୍‌ଏଚ୍‌ଏଲକୁ ନିଯୁକ୍ତ କରାଯାଇଛି। ଏହି ସହଭାଗିତା ଜରିଆରେ ସୁନ୍ଦରଗଡ଼ ଜିଲ୍ଲାରେ ଆର୍ଥିକ ଭାବେ ଦୁର୍ବଳ ପରିବାରଗୁଡ଼ିକ ପାଇଁ ମୃତବ୍ୟକ୍ତିଙ୍କ ପରିବହନ ଲାଗି ସେବା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଗତ ଏକ ଦଶନ୍ଧି ହେବ ଜେଡଏଚଏଲ ରାଜ୍ୟରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବାରେ ଆଗଧାଡ଼ିରେ ରହି ସଫଳତାର ସହ ୧୦୮ ଆମ୍ବୁଲାନ୍ସ ସେବା ପରିଚାଳନା କରୁଛି। ସମାନ ସେବାଗୁଡ଼ିକର ଅନୁଭୂତିକୁ ଜିଲ୍ଲା ମଧ୍ୟରେ ୧୫ଟି ମହାପ୍ରୟାଣ ଗାଡ଼ିର ପରିଚାଳନାକୁ ବାଧାମୁକ୍ତ ଭାବେ ସ୍ଥାନାନ୍ତରଣ କରାଯାଇଛି। ମୃତବ୍ୟକ୍ତିଙ୍କୁ ସେମାନଙ୍କ ଅଞ୍ଚଳକୁ ପରିବହନ କରିବା ପାଇଁ ଉତ୍ସର୍ଗୀକୃତ ଏହି ଯାନଗୁଡ଼ିକ ଗତ ଏକ ମାସ ମଧ୍ୟରେ ୧୭୫ଟି ପରିବାର ପାଇଁ ଏହି ମହତ କାର୍ଯ୍ୟ କରିଛନ୍ତି। ୨୦୧୬ ଅଗଷ୍ଟରେ ଆରମ୍ଭ ହୋଇଥିବା ସରକାରଙ୍କ ମହାପ୍ରୟାଣ ଯୋଜନା ଓଡ଼ିଶାର ସମସ୍ତ ୩୦ ଜିଲ୍ଲାରେ ମାଗଣା ଶବ ପରିବହନ ସେବା ପ୍ରଦାନ ଜାରି ରଖିଛି। ଡିଏମଏଫ୍ ଜେଡ୍‌ଏଚ୍‌ଏଲ୍ ସହ ଏହି ସହଭାଗିତା ବିଶେଷକରି ଜିଲ୍ଲାରେ ଏହି ସେବାର ଦକ୍ଷତା ଓ ସମ୍ମାନ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ବର୍ଷ ବର୍ଷ ଧରି ଜରୁରୀକାଳୀନ ପରିସ୍ଥିତିଗୁଡ଼ିକର ପରିଚାଳନାରୁ ମିଳିଥିବା ଅଭିଜ୍ଞତା ଅତ୍ୟାଧୁନିକ ଭିତ୍ତିଭୂମି ସହ ଜଡ଼ିତ ରହିଛି ଏବଂ ମୃତ ବ୍ୟକ୍ତିଙ୍କ ସମ୍ମାନଜନକ ପରିବହନ ସୁନିଶ୍ଚିତ କରିବା କ୍ଷେତ୍ରରେ ଏକ ମୂଲ୍ୟବାନ ସହଯୋଗୀ ଭାବେ ଜେଡଏଚଏଲକୁ ଅବସ୍ଥାପିତ କରିଛି।




ଏହି ସହଭାଗିତା ସମୁଦାୟର ସାମଗ୍ରିକ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିବା ପ୍ରତି ଏକ ବିସ୍ତୃତ ପ୍ରତିବଦ୍ଧତାକୁ ସୂଚିତ କରୁଛି, ଯାହା ସେମାନଙ୍କ ଆର୍ôଥକ ସ୍ଥିତି ଯାହାବି ହେଉନା କାହିଁକି ଶେଷ ଯାତ୍ରାରେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ସମ୍ମାନକୁ ବଜାୟ ରଖାଯିବା ସୁନିଶ୍ଚିତ କରୁଛି ବୋଲି ଜେଡଏଚଏଲ ଓଡ଼ିଶାର ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ କହିଛନ୍ତି।

# ଗୋରୁ ବୋଝେଇ ଟ୍ରକ୍ ଜବତ

**ବଲାଙ୍ଗିର,୨୧।୨(ସମିସ):** ବଲାଙ୍ଗିର ସୁଦପଡା ଛକରେ ଗୋରୁ ବୋଝେଇ ଟ୍ରକ୍କୁ ଅଟକ ରଖି ବେଆଇନ ଗୋ-ଚାଲାଣ ଅଭିଯୋଗ ଉପରେ ତଦନ୍ତ ଆରମ୍ଭ ହୋଇଛି। ଉକ୍ତ ଗାଡ଼ିର ଚାଳକ ଫେରାର୍ ମାରିଛି।



ସୂଚନା ଅନୁସାରେ, ବଲାଙ୍ଗିର ସହର ଦେଇ ନିୟମିତ ଭାବେ ଗୋରୁ ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଛି। ଜିଲ୍ଲାର ବିଭିନ୍ନ ଗାଁଗୁଡ଼ିକରେ ବଜାରରୁ ଗୋରୁ କିଣି ରଖା ଯାଉଥିବା ବେଳେ ପରବର୍ତ୍ତୀ ସମୟରେ ବିପଦପୂର୍ଣ୍ଣ ଭାବେ ଏହି ଗୋରୁଗୁଡ଼ିକୁ ପଶ୍ଚିମବଙ୍ଗ ଚାଲାଣ କରାଯାଇଥାଏ। ବୁଧବାର ବଲାଙ୍ଗିର ଦେଇ ଏହି ଚାଲାଣ ହେଉଥିବା ସ୍ଥାନୀୟ ଯୁବକମାନେ ଖବର ପାଇଥିଲେ। ସୁଡ଼ପଡାଠାରେ ବେଆଇନ ଚାଲାଣ ସନ୍ଦେହରେ ଏକ ଟ୍ରକକୁ ଅଟକାଇଥିଲେ। ସେହି ଗାଡ଼ିରେ ୧୬ରୁ ଅଧିକ ମଇଁଷି ଓ ଗାଈ ଥିବା ଜଣାପଡିଛି। ଘଟଣାସ୍ଥଳରେ ବଜରଙ୍ଗଦଳ କର୍ମୀ ଓ ଟାଉନଥାନା ପୁଲିସ ତନାଘନା ଚଳାଇଥିବା ବେଳେ ଗାଈ ସହ ଟ୍ରକ୍କୁ ପୁଲିସ ଜବତ କରିଛି।

# ଦେଶୀମଦ ଜବତ, ଜଣେ ଗିରଫ

**ଶଗଡ଼ା, ୨୧।୨( ସମିସ):** କନ୍ଧମାଳ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ଦେଶୀ ମଦ ଜବତ କରିବା ସହ ଜଣକୁ ଗିରଫ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଏଏସଆଇ ରେଣୁପ୍ରିୟା ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଘଣ୍ଟାପଡ଼ା ଥାନା ଆଣ୍ଡ୍ରେଗାଁ ଗ୍ରାମ ନିକଟରେ ଚଢଉ କରି ବିପୁଳ ମଦ ଜବତ କରିଥିବା ବେଳେ ଘଟଣାରେ ଜଣକୁ ଗିରଫ କରାଯାଇଛି। ଜବତ ମଦର ପରିମାଣ ୮ ଲିଟର ହୋଇଥିବା ବେଳେ ଗିରଫ ଅଭିଯୁକ୍ତ ଜଣକ ହେଲେ ଗଜାନନ ପୁଟେଲ (୫୨)। ଏ ସଂକ୍ରାନ୍ତରେ କନ୍ଧମାଳ ଅବକାରୀ କାର୍ଯ୍ୟାଳୟରେ ଏକ ମାମଲା ରୁଜୁ କରାଯାଇଛି।

# ଦଶମ ଶ୍ରେଣୀ ପ୍ରଶ୍ନପତ୍ରରେ ତ୍ରୁଟି

**ବିନିକା, ୨୧।୨( ସମିସ):** ମାଟ୍ରିକ ପରୀକ୍ଷାରେ ଓଡ଼ିଆ ଭାଷା ପରୀକ୍ଷାର ସେଟ୍ ସି ପ୍ରଶ୍ନପତ୍ରର ବସ୍ତୁନିଷ୍ଠ ନମ୍ବର ୨୩ ତ୍ରୁଟି ଅଛି ବୋଲି ବିନିକା ସେଣ୍ଟ ସ ଭ୍ୟାଲି ହାଇସ୍କୁଲର ଓଡ଼ିଆ ଶିକ୍ଷକ ସୁଦାମ ନାଏକ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଏହି ପ୍ରଶ୍ନରେ ଥିବା ୪ଟି ଯାକ ଉତ୍ତର ମଧ୍ୟରୁ ସମସ୍ତ ଶବ୍ଦ ଅଶୁଦ୍ଧ। ଏ ନେଇ ସେ ଯୁକ୍ତି କରିବା ସହ ଉତ୍ତର ଠିକ ଲେଖାଥିବା ବହିର ଏକ କପି ଦର୍ଶାଇଛନ୍ତି। ଏହାକୁ ନେଇ ଶିକ୍ଷାବିତ ତଥା ଅଭିଭାବକ ମହଲରେ ଚିନ୍ତାର କାରଣ ସାଜିଛି।

# ବୌଦ୍ଧରେ ଗଡ଼ିଲା ଲକ୍ଷ୍ମୀ ବସ୍

**ବୌଦ୍ଧ, ୨୧।୨(ସମିସ)**

ଗମନାଗମନ ବିକାଶ କ୍ଷେତ୍ରରେ ଯୋଡ଼ିହେଲା ବୌଦ୍ଧ ଜିଲ୍ଲା। ବୌଦ୍ଧ ଜିଲ୍ଲାରେ ବୁଧବାର ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ ଲକ୍ଷ୍ମୀ ବସ ଯୋଜନା ଶୁଭାରମ୍ଭ ହୋଇଛି। ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜିଲ୍ଲା ଷ୍ଟାଡିୟମ୍‌ରେ ଏହି ଯୋଜନା ଲୋକାର୍ପଣ ଉତ୍ସବ ଆୟୋଜନ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଲକ୍ଷ୍ମୀ ବସ ଯୋଜନାର ଶୁଭାରମ୍ଭ କରିଛନ୍ତି। ଉଦଘାଟନୀ ଉତ୍ସବରେ ବାଣିଜ୍ୟ ପରିବହନ ଓ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ଜଙ୍ଗଲ ପରିବେଶ, ପଞ୍ଚାୟତିରାଜ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ, କନ୍ଧମାଳ ବିଧାୟକ ମହୀଧର ରଣା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ କହଁର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲାପାଳ ଜେ ସୋନାଲ, ଆରକ୍ଷୀ ଅଧିକ୍ଷକ ରାଜ ପ୍ରାସାଦ ଯୋଗ ଦେଇଥିଲେ। ଏହି




ସମାରୋହରେ ମନ୍ତ୍ରୀ ଶ୍ରୀ ଅମାତ ଓଡ଼ିଶା ବିକାଶର ବିନ୍ଧାଣୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ରାଜ୍ୟ ପ୍ରତ୍ୟେକ କ୍ଷେତ୍ରରେ ବିକାଶ ଧାରାରେ ପ୍ରବାହିତ ହେଉଥିବା ବେଳେ ଲକ୍ଷ୍ମୀ ବସ ଯୋଜନା ବିକାଶ ଧାରାରେ ଆଉ ପାଦେ ଆଗେଇବ ବୋଲି କହିଥିଲେ। ସେହିପରି ମନ୍ତ୍ରୀ ଟୁକୁନି ସାହୁ ଓଡ଼ିଶାରେ ସାଢେ ୪ କୋଟି ଲୋକଙ୍କୁ ନିଜ ପରିବାର ବୋଲି ଭାବୁଥିବ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ଯୋଗୁଁ ରାଜ୍ୟ ଜନସଂଖ୍ୟାର ୫୦ ପ୍ରତିଶତ ମହିଳା ଏହି ଯୋଜନାରେ ସଶକ୍ତ ହେବେ ବୋଲି ବକ୍ତବ୍ୟ ରଖିଥିଲେ। ପ୍ରଥମ ପର୍ଯ୍ୟାୟରେ ବୌଦ୍ଧ ଜିଲ୍ଲାରେ ୬ଟି ବସ୍ ସେବା ଆରମ୍ଭ ହୋଇଥିବା ବେଳେ ବୌଦ୍ଧ ବ୍ଲକରେ ଦୁଇଟି, କନ୍ଧମାଳ ବ୍ଲକରେ ଦୁଇଟି ଏବଂ ହରଭଙ୍ଗା ବ୍ଲକରେ ଦୁଇଟି ବସ୍ ଚଳାଚଳ କରିବ ବୋଲି ଜଣାପଡ଼ିଛି। ଏହି ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ, ମହିଳା, କୃଷକ, ଦିନ ମଜୁରିଆଙ୍କ ସମେତ ପ୍ରତ୍ୟେକ ଗ୍ରାମବାସୀ ସୁଲଭ ମୂଲ୍ୟରେ ବ୍ଲକ ମୁଖ୍ୟାଳୟକୁ ଯିବା ଆସିବା କରି ପାରିବେ। ଗ୍ରାମାଞ୍ଚଳରୁ ପଞ୍ଚାୟତ ପର୍ଯ୍ୟନ୍ତ, ପଞ୍ଚାୟତରୁ ବ୍ଲକ ଏବଂ ସହର ପର୍ଯ୍ୟନ୍ତ ଆର୍ଥିକ ଏବଂ ବାଣିଜ୍ୟିକ ଗତିବିଧି ତ୍ୱରାନ୍ୱିତ କରିବ ଲକ୍ଷ୍ମୀବସ୍ ଯୋଜନା। ମହିଳା, ଛାତ୍ରଛାତ୍ରୀ ୫ ଟଙ୍କାରେ ଏବଂ ଅନ୍ୟମାନେ ୧୦ ଟଙ୍କା ଦେଇ ଲକ୍ଷ୍ମୀ ବସରେ ଯିବାଆସିବା କରି ପାରିବେ। ବସ ସେବା ଉଦ୍‌ଘାଟନ ପରେ ଉପସ୍ଥିତ ଉଭୟ ମନ୍ତ୍ରୀ, ଜିଲ୍ଲାପାଳ, ଏସ୍‌ପି ଏବଂ ଅନ୍ୟାନ୍ୟ ଅତିଥିମାନେ ଏହି ବସ୍‌ରେ ଭ୍ରମଣ କରିଥିଲେ।

# ଖୁଣ୍ଟବନ୍ଧ ଲକ୍ଷ୍ମୀ ବସ୍ ଷ୍ଟପ୍ ଉଦ୍‌ଘାଟିତ

**ଜହ୍ନାପଙ୍କ, ୨୧।୨( ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ଛକ ନିକଟରେ ଲକ୍ଷ୍ମୀ ବସ୍ ଷ୍ଟପର ଉଦ୍‌ଘାଟନ କରାଯାଇଛି। ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଫିତା କାଟି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ପଞ୍ଚାୟତିରାଜ ଜଙ୍ଗଲ ଓ ପରିବେଶ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ୍ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ କନ୍ଧମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ମହୀଧର ରଣା, ପୂର୍ବତନ ବିଧାୟକ ଭଗବାନ କହଁର, ବୌଦ୍ଧ ଜିଲ୍ଲାପାଳ ଜେ ସୋନାଲ ଓ ଅନ୍ୟ ଜନ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ଅବସରରେ ସରପଞ୍ଚ ଟୁନି ମହାନନ୍ଦିଆ, ପୂର୍ବତନ ସରପଞ୍ଚ ଯୋଗେଶ୍ୱର ମହାକୁଳ, ବିକ୍ରମ ମହାନନ୍ଦିଆ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।



# ମନ୍ଦିରରୁ ଚୋରି ନେଇ ପୁଲିସ ଅସହାୟ

**ବୌଦ୍ଧ, ୨୧।୨( ସମିସ):** ବୌଦ୍ଧ ଥାନା ଅଞ୍ଚଳରେ କେବଳ ମନ୍ଦିରମାନଙ୍କରୁ ଚୋରି ହେଉଛି। ମଙ୍ଗଳବାର ରାତିରେ ବାନ୍ଧପଥର ଗ୍ରାମ ସିଦ୍ଧେଶ୍ୱର ମନ୍ଦିରରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଇତି ମଧ୍ୟରେ ବୌଦ୍ଧ ଥାନା ଅଞ୍ଚଳରୁ ୯ଟି ମନ୍ଦିରରୁ ଚୋରି ହୋଇଛି। ବୌଦ୍ଧ ସହରର ଭୈରବୀ ଏବଂ ଗାୟତ୍ରୀ ମନ୍ଦିରରୁ ୨ ଥର ଲେଖାଏଁ ଚୋରି ହୋଇଛି। କୌଣସି ଗୋଟିଏ ଘଟଣାରେ ବି ପୁଲିସ ଦୁର୍ବୃତ୍ତଙ୍କୁ ଧରିବାରେ ସଫଳ ହୋଇପାରିନାହିଁ। ଅନ୍ୟପକ୍ଷେ ବୌଦ୍ଧ ଥାନା ଆଇଆଇସି ରଞ୍ଜିତ ମୁନି ସମସ୍ତ ମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ପୂଜକମାନଙ୍କ ସହିତ ଥାନା ପରିସରରେ ଆଲୋଚନା କରି ସେମାନଙ୍କଠାରୁ ବିଭିନ୍ନ ପ୍ରସ୍ତାବ ଆହ୍ୱାନ କରିଛନ୍ତି। ଏହାସହ କେତେକ ମାର୍ଗଦର୍ଶିକା ପାଳନ କରିବାକୁ ଅନୁରୋଧ କରିଛନ୍ତି।

# ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା

## ‘ଆମ ପଞ୍ଚାୟତର ବିକାଶ’ ପୁସ୍ତକ ଉନ୍ମୋଚନ

**ଖପ୍ରାଖୋଲ/ସଇଁତଲା, ୨୧।୨(ସମିସ):** ଖପ୍ରାଖୋଲ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସରପଞ୍ଚ ବେଟିଖାଇ ସେଦ୍ରିଆ ଅଧ୍ୟକ୍ଷତା କରିଥିବା ବେଳେ




ମୁଖ୍ୟଅତିଥି ରୂପେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବରେ ବ୍ଲକ୍ ଅଧକ୍ଷା ନିରୁପମା ପଟେଲ, କନିଷ୍ଠଯନ୍ତ୍ରୀ ରାଜକିଶୋର ନାଏକ, ସମିତିସଭ୍ୟା ସୁଶୀଳା ଭୋଇ, ବିଜେଡି କର୍ମୀ ପବିତ୍ର ପଟେଲ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ସାହୁ, ସତ୍ୟାନନ୍ଦ ସେଦ୍ରିଆ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ଖପ୍ରାଖୋଲ ପଞ୍ଚାୟତର ‘ଆମ ପଞ୍ଚାୟତର ବିକାଶ’ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନଜନହିତକର ଯୋଜନା ଉପରେ ଆଲୋକପାତ କରିଥଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଜିଆରଏସ ସରୋଜ ଭୋଇ, ପରମାନନ୍ଦ ବରିହା, ଅକ୍ରୁର ବରିହା ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସଇଁତଲା ବ୍ଲକ କରମତଲା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ତଥା ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶର ‘ଆମ ଓଡ଼ିଶା ନବୀନ ଓଡିଶା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ତିଳୋତ୍ତମା ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ଜିଲ୍ଲା ପରିଷଦ ସଭ୍ୟା ହିମାଞ୍ଚଳ ବୁଡେକ, ସଇଁତଲା ବ୍ଲକ ସଭାପତି ତରୁନ ବେହେରା, ସମିସସଭ୍ୟ ଦହି ଭୋଇ, ଯୁବନେତା ରାଜେଶ ବେହେରା, ଇଓ ରୁଦ୍ରାକ୍ଷ ଥପା, ପ୍ରମେଦ ସେଲମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ରୁଦ୍ରାକ୍ଷ ଥପା ଓ ଏଜିଆର୍‌ଏସ୍ ଭାଗତ ବୁଡେକ ସଭା ପରିଚାଳନା କରିଥିଲେ। ଏମ୍‌ବିକେ, ସିଆର୍‌ପି, ଅଙ୍ଗନବାଡି କର୍ମୀ, ୱାର୍ଡସଭ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପସ୍ଥିତ ଥିଲେ।

# ସିକିମ ରୟତମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ଶୁଭାରମ୍ଭ

**ସୋନପୁର, ୨୧।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ରାଜ୍ୟରେ ସିକିମ ସ୍ୱତ୍ୱ ଭାବେ ରେକର୍ଡ ହୋଇଥିବା ଜମିର ଦଖଲକାରୀଙ୍କୁ ସେହି ଜମି ଉପରେ ସ୍ଥିତିବାନ ସ୍ୱତ୍ୱର ପଟ୍ଟା ପ୍ରଦାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସୁବର୍ଣ୍ଣପୁର ଓସ୍ୱାନ ହଲ୍‌ରେ ଆୟୋଜିତ ପଟ୍ଟା ପ୍ରଦାନ ସମାରୋହରେ ସୁବର୍ଣ୍ଣପୁର ଜିଲ୍ଲାର ୧୧ ଜଣ ସିକିମ ସ୍ୱତ୍ୱଧାରୀଙ୍କୁ



ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି।, ଥିରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଜିଲ୍ଲାପାଳ ଅନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବୀରମହାରାଜପୁର ତହସିଲର ୫ ଜଣ, ସୋନପୁର ତହସିଲର ୩ ଜଣ ଓ ଉଲୁଣ୍ଡା ତହସିଲର ୩ ଜଣଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି। ସୋନପୁର ଉପଜିଲ୍ଲାପାଳ ସୁରଜ ପଟ୍ଟନାୟକ, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସିଙ୍ଗ ସମେତ ଜିଲ୍ଲାର ସମସ୍ତ ତହସିଲଦାର ଓ ରାଜସ୍ୱ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ

**ସୋନପୁର, ୨୧।୨(ସମିସ):** ସାରା ରାଜ୍ୟରେ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନରେ ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ନିଶମ କର୍ମଚାରୀମାନେ ମଧ୍ୟ ସାମିଲ ହୋଇ ଧାରଣାରେ ବସିଛନ୍ତି। ଜିଲ୍ଲାର ସମସ୍ତ ୬ଟି ଦମକଳ କେନ୍ଦ୍ରର ସମସ୍ତ ଅଗ୍ନିଶମ ବାହିନୀର



କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇ ଧାରଣା ଦେଇଛନ୍ତି। ଜିଲ୍ଲା ସଦର ମହକୁମାରେ କର୍ମଚାରୀମାନେ ଧାରଣା ଦେବା ସହ ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ ଜରି ରହିବ ବୋଲି ଚେତାବନୀ ଦେଇଛନ୍ତି।

# ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

**କିଆକଟା, ୨୧।୨(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଅଧୀନ ବାସୁଦେବପୁର ପଞ୍ଚାୟତରେ ବିଜୁ ଜନତା ଦଳ ତରଫରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ବରିଷ୍ଠ ନେତା ନଳିନୀକାନ୍ତ ପ୍ରଧାନ, ଆଠମଲ୍ଲିକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁଃଶାସନ ରାଉଳ, ବାସୁଦେବପୁର ସରପଞ୍ଚ କଳ୍ପନା ଡାଙ୍ଗ, କନ୍ଧପଡ଼ା ପଞ୍ଚାୟତ ସମିତି ସଭ୍ୟ ରମେଶଚନ୍ଦ୍ର ପାତ୍ର, ଆଠମଲ୍ଲିକ ବିଜୁ




ଜନତା ଦଳର ଯୁବ ସଂଗଠକ ମହେନ୍ଦ୍ର ସାହୁ, ଉପେନ୍ଦ୍ର କର୍ଣ୍ଣ, ବାସୁଦେବପୁର ପଞ୍ଚାୟତ ବିଜୁ ଜନତା ଦଳର କର୍ମୀ ଉପସ୍ଥିତ ଥିଲେ।

## ବଲାଙ୍ଗିରରେ ଏମ୍‌ସିଏଲ୍ କରିବ କମ୍ୟୁନିଟି ସେଣ୍ଟର

# ଜିଲ୍ଲା ପ୍ରଶାସନ ସହ ଏମଓୟୁ ସ୍ୱାକ୍ଷର

**ସମ୍ବଲପୁର, ୨୧।୨(ସମିସ):** ବଲାଙ୍ଗିର ଜିଲ୍ଲାର ବିକାଶ ପାଇଁ ମହାନଦୀ କୋଲଫିଲ୍ଡସ ଲିମିଟେଡ(ଏମସିଏଲ) ୩୩ଟି କମ୍ୟୁନିଟି ସେଣ୍ଟର ପ୍ରତିଷ୍ଠା କରିବ। ଏହା ବିଭିନ୍ନ ଅଞ୍ଚଳରେ ନିର୍ମାଣ ପାଇଁ ଏମସିଏଲ ବଲାଙ୍ଗିର ଜିଲ୍ଲା ପ୍ରଶାସନ ସହ ଚୁକ୍ତି ସ୍ୱାକ୍ଷର କରିଛି। ଏମସିଏଲର ସାମାଜିକ ଦାୟିତ୍ୱ ବୋଧକୁ ସୁଦୃଢ କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରିଛି। କମ୍ୟୁନିଟି ସେଣ୍ଟର ପାଇଁ ଏମସିଏଲ ୧ କୋଟି ଟଙ୍କା ପ୍ରଦାନ କରିବ। ଏହା ପୂର୍ବରୁ ବଲାଙ୍ଗିର ଜିଲ୍ଲାରେ ଏମସିଏଲ ୯.୨୦ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିଥିବା ସୂଚନା ଦେଇଛି।



# କେନ୍ଦ୍ରୀୟ ବିଦ୍ୟାଳୟର ନୂଆ କ୍ୟାମ୍ପସ ଉଦ୍‌ଘାଟିତ

**ସୋନପୁର, ୨୧।୨ (ସମିସ):** ସୁବର୍ଣ୍ଣପୁର କେନ୍ଦ୍ରୀୟ ବିଦ୍ୟାଳୟର ନୂତନ କ୍ୟାମ୍ପସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ କାଶ୍ମୀରରୁ ଆଭାସୀ ଜରିଆରେ ଉଦ୍‌ଘାଟନ କରିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ବଲାଙ୍ଗିର ସାଂସଦ ସଙ୍ଗୀତା ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲ୍ଲାପାଳ ଅନ୍ୟା ଦାସ ପ୍ରମୁଖ ଯୋଗ ଦେଇଥିଲେ




# ସୂଚନା ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟ ବଣ୍ଟନରେ ଅନିୟମିତତା

**ବୌଦ୍ଧ, ୨୧।୨( ସମିସ):** ବିଭିନ୍ନ ଲୋକ କଳାକାର ଗୋଷ୍ଠୀର ସଦସ୍ୟ ସଦସ୍ୟା ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୂଚନା ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାର ପ୍ରସାର ପାଇଁ ବ୍ଲକସ୍ତରରେ ତାଲିମ୍ ଗ୍ରହଣ କରି ମଧ୍ୟ କାର୍ଯ୍ୟକ୍ରମ କରିବାରୁ ବଞ୍ଚିତ ହୋଇଥିବା କଳାକାର ଗୋଷ୍ଠୀର ସଦସ୍ୟ ସଦସ୍ୟା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପ୍ରତିବାଦ କରିଥିଲେ। ଯେଉଁ କଳାକାର ଗୋଷ୍ଠୀ ପୂର୍ବରୁ ମନୋନୀତ ହୋଇ ନ ଥିଲେ କିମ୍ବା ତାଲିମ୍ ଗ୍ରହଣ କରି ନ ଥିଲେ ସେମାନଙ୍କୁ କାର୍ଯ୍ୟକ୍ରମ ପ୍ରଦାନ କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଜିଲ୍ଲାପାଳ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କଳାକାରମାନେ ଦାବି କରିଛନ୍ତି।

# ହରଭଙ୍ଗା ବ୍ଲକ୍‌ର ବିଭିନ୍ନ ସମସ୍ୟା ସମାଧାନ ଦାବି

**ବୌଦ୍ଧ, ୨୧।୨( ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାୟରେ ହରଭଙ୍ଗା ବ୍ଲକର ବିଭିନ୍ନ ସମସ୍ୟା ନେଇ ୧୧ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ହରଭଙ୍ଗା ବ୍ଲକ ଉପାନ୍ତ ଅଞ୍ଚଳ ତଳଗାଁଠାରୁ ୭ ଦିନ ଧରି ‘ବୌଦ୍ଧ ଚାଲ ଜନ ଅଧିକାର ପଦଯାତ୍ରା’ ମାଧ୍ୟମରେ ଇଂ ବିକାଶ ମହାକୁଳଙ୍କ ନେତୃତ୍ୱରେ ହଜାର ହଜାର ଜନସାଧାରଣ ବୌଦ୍ଧ ସହରରେ ପ୍ରବେଶ କରିଥିଲେ। ହରଭଙ୍ଗା ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟା, କୃଷି, ଜଳସେଚନ, ଗମନାଗମନ, ସାମାଜିକ ସୁରକ୍ଷା ଆଦି ପ୍ରମୁଖ ପ୍ରସଙ୍ଗ ସମ୍ବଳିତ ୧୧ ଦଫା ଦାବି ନେଇ ୭ ଦିନ ଧରି ଚାଲିଥିବା ଏହି ପଦଯାତ୍ରା ସମାପ୍ତ ହୋଇଛି।

## କଣ୍ଟାବାଞ୍ଜିରେ ବିଜେଡିର ବିରାଟ ମହିଳା ସମାବେଶ

# ମଞ୍ଚରେ ମୁଣ୍ଡିଆମାରି ଆଶୀର୍ବାଦ ମାଗିଲେ ଅଜୟ

**ତୁରେକେଲା/କଣ୍ଟାବାଞ୍ଜି, ୨୧।୨(ସମିସ)**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ବିଜେଡି ଶକ୍ତି ପ୍ରଦର୍ଶନ କରିଛି। ଏକ ବିରାଟ ମହିଳା ସମାବେଶ ଆୟୋଜନ କରି ଦଳର ପରାକାଷ୍ଠା ପ୍ରଦର୍ଶନ କରିଛି। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ଅଜୟ ଦାସଙ୍କ ନେତୃତ୍ୱରେ ହଜାର ହଜାର ମହିଳା ଏକତ୍ରିତ ହୋଇ ମାନସ ଭବନ ଠାରୁ ବିରାଟ ଶୋଭାଯାତ୍ରା କରିଥିଲେ। ରୋଡ ନମ୍ବର ୩ରେ ଏକ ସଭାରେ ବିଜୁ ମହିଳ ଜନତା ନଗର ସଭାନେତ୍ରୀ ସସ୍ମିତା ଦଣ୍ଡସେନା ସଭାପତିତ୍ୱ କରିଥିଲେ। ଏହି ମଞ୍ଚରେ ବରିଷ୍ଠ ବିଜେଡି ନେତା ଅଜୟ ଦାସ ଆଣ୍ଠୁ ପକାଇ ମା'ମାନଙ୍କୁ ମୁଣ୍ଡିଆ ମାରିବା ସହ ଦଳକୁ ମଜଭୁତ କରିବା ଆଶାଦେଇ ଆଶୀର୍ବାଦ ମାଗିଥିଲେ। ତାଙ୍କ ସହ ବିଜେଡି ଆଇନ ସେଲ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାଏକ, ଯୁବ ବିଜେଡି ରାଜ୍ୟ ସମ୍ପାଦକ ଅଜିତ ଯୋଶୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଲା ମାଝୀ, କାଉନସିଲର ଯାଜ୍ଞସେନୀ ନାଗ, ବିଜେଡି ନେତ୍ରୀ ମମତା ମେହେରା, ଜିଲ୍ଲା ସାଧାରଣ ସମ୍ପାଦକ ବିନୟ ବିଭାର, ଆଇନଜୀବୀ ଅଭି ନାଗ, ରାଜେଶ ଶର୍ମା, ଜିଲ୍ଲା ଯୁବ ସମ୍ପାଦକ



ଶାନ୍ତନୁ ବିଭାର, ବିଜେଡି ନେତା ପ୍ରମୋଦ କର, ମୁନା ମହାନ୍ତି, ନଗର ଯୁବ ସଭାପତି ବିଶାଳ ବେହେରା, କେଦାର ପଣ୍ଡା, ଲକ୍ଷ୍ମଣ ପୁଟେଲ, ବିଶ୍ୱମିତ୍ର ଛତ୍ରିଆ, ବିରଞ୍ଚି ଜାଲ, ଚନାବାହାଲ ସରପଞ୍ଚ ସରୋଜ ମେହେର ସହ ବହୁ ବିଜେଡି ନେତା ଓ ନେତ୍ରୀ ମଞ୍ଚାସୀନ ଥିଲେ। ଶ୍ରୀ ଦାସ କହିଥିଲେ, ଦୀର୍ଘ ୨୦ ବର୍ଷ ହେଲା ସେ କଣ୍ଟାବାଞ୍ଜି ରାଜନୀତି ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହିଛନ୍ତି। ଏଠାରେ ବିଧାୟକ ହୋଇ ଶାସନ କରିବା ମୋ ଲକ୍ଷ୍ୟ ନୁହେଁ, ଏଠି ସାଧାରଣ ଜନତାଙ୍କ ସେବା କରିବା ଗରିବ ପରିବାର ଦୁଃଖ ବୁଝିବା ମୋ ଲକ୍ଷ୍ୟ ଅଟେ।

ପରେ ରାଜ୍ୟ ଯୁବ ସମ୍ପାଦକ ଅଜିତ ଯୋଶୀ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀକୁ କୁରୁକ୍ଷେତ୍ର କହିବା ସହ ୨୦୨୪ ନିର୍ବାଚନରେ ଅଜୟ ଦାସଙ୍କ ନେତୃତ୍ୱରେ କୁରୁସେନାର ବିନାଶ କରିବୁ ବୋଲି ଗର୍ଜିଥିଲେ। ଏହାସହ କଣ୍ଟାବାଞ୍ଜିରେ ଶଙ୍ଖ ବାନା ଉଠିବ, ସ୍ୱଚ୍ଛ ନିର୍ମଳ ଶାସନ ଚାଲିବ ବୋଲି କହିଥିଲେ। ଶାସନ, କ୍ଷମତାରୁ ଊର୍ଦ୍ଧ୍ୱରେ ରହି ବି ଶ୍ରୀ ଦାସ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ କାମ କରୁଛନ୍ତି ଏବଂ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାର ଲାଭ ଗ୍ରାମାଞ୍ଚଳର ଗରିବ, ସରଳ, ସାଧାରଣ ଜନତାଙ୍କ ପାଖକୁ ପହଞ୍ଚାଉଥିବା ସଭାରେ କୁହାଯାଇଥିଲା।

# ପ୍ରଧାନଶିକ୍ଷକଙ୍କ ସପକ୍ଷରେ ବାହାରିଲେ ଗାଁ ଲୋକ

**ଡୁଙ୍ଗୁରିପାଲି, ୨୧।୨(ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଡୁମେରପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସପକ୍ଷରେ ଗାଁ ଲୋକ ବାହାରିଛନ୍ତି। ତାଙ୍କ ନାଁରେ ବିଭିନ୍ନ ଅଭିଯୋଗ କରି ଗତ ୧୭ତାରିଖରେ କେତେକ ବ୍ୟକ୍ତି ବିଇଓଙ୍କୁ ଅଭିଯୋଗ କରିଥିଲେ।



ଏହା ଜାଣିବା ପରେ ଗ୍ରାମର ଶତାଧିକ ଲୋକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଧର ପଧାନ, ଉପସଭାପତି ସୁମିତ ସାହୁ, ୱାର୍ଡସଭ୍ୟା ଗୀନା ସୁଆତି, କମିଟିର ସଦସ୍ୟ ପ୍ରମୋଦ ବାରିକ, ମନଲତା ସାହୁ, ମଞ୍ଜୁ ସାହୁ, ସୁଦାମ ସୁଆତି, ଧନଞ୍ଜୟ ବରିହାଙ୍କ ସମେତ ଅଭିଭାବକ, ଗ୍ରାମବାସୀ ଡୁଙ୍ଗୁରିପାଲି ବିଇଓଙ୍କୁ ଭେଟି ପ୍ରଧାନ ଶିକ୍ଷକଙ୍କ ସପକ୍ଷରେ ସର୍ତ୍ତ ବାଢିଛନ୍ତି।

